

ସମଧ୍ରୁ

ଶବ୍ଦଚିତ୍ର



ପାବନ ପର୍ବ





ଭାରତରେ ପାଳନ ହେଉଥିବା ବାର ମାସରେ ତେର ପର୍ବ ଭିତରେ ଅନ୍ୟତମ ହେଉଛି ଦୀପାବଳି, ଯାହା କାର୍ତ୍ତିକ ଅମାବାସ୍ୟା ତିଥିରେ ପାଳନ କରାଯାଇଥାଏ । ଏହା ଆଲୋକର ପର୍ବ ଭାବରେ ପାଳନ କରାଯାଇଥାଏ । ବିଭିନ୍ନ ସ୍ଥାନରେ ଭିନ୍ନ ଢଙ୍ଗରେ ପାଳନ ହୋଇଥାଏ ଏହି ପର୍ବ । ତେବେ ଏହାକୁ ନେଇ ଅନେକ ମତ ବା ପୌରାଣିକ ବର୍ଣ୍ଣନା ରହିଛି । ସେଥିମଧ୍ୟରୁ ଗୋଟିଏ ହେଲା ଏହା ଏକ କୃଷିଭିତ୍ତିକ ବିଧି । କୀମ୍ବଦନ୍ତି ଅନୁସାରେ ପ୍ରାଚୀନ କଳିଙ୍ଗ ତାର କୃଷିକ୍ଷେତ୍ର ଓ ତତସହିତ ପୁରପଲ୍ଲୀରେ ପୋକ ନିୟନ୍ତ୍ରଣ ପାଇଁ ଏହି ପର୍ବର ଆୟୋଜନ ହେଉଥିଲା । ଧାନର ଏନ୍ତୁଡ଼ିଶାଳ ଓଡ଼ିଶା ଚାଷବାସରେ ସମୃଦ୍ଧ ଥିଲା । ତେବେ ରୋଗପୋକ ଦମନ ପାଇଁ ଓଡ଼ିଆମାନେ ନିମ୍ବ ପତ୍ର ଓ ଆଲୋକ ଦିହୁରୀର ବହୁଳ ଉପଯୋଗ କରୁଥିବାର ଗବେଷକମାନେ ମତ ଦିଅନ୍ତି । ଏ ଦୁଇଟି ଉପାୟ ଏବେ ସୁଦ୍ଧା ବୈଜ୍ଞାନିକଙ୍କଦ୍ୱାରା ସର୍ବୋତ୍କୃଷ୍ଟ ବିବେଚିତ ହୋଇଛି । ଅମଳ ଋତୁ ଉପନୀତ ହେବାପରେ ଶସ୍ୟକ୍ଷେତ୍ର ସମେତ ଜନବସତିରେ କୀଟ ପତଙ୍ଗଙ୍କ ସଂଖ୍ୟା ବୃଦ୍ଧି ପାଏ । କାର୍ତ୍ତିକ ମାସର ଅମାବାସ୍ୟା ଆଡକୁ ଏମାନଙ୍କ ସଂଖ୍ୟା ଏତେ ବୃଦ୍ଧି ପାଏ ଯେ ବିଶେଷ କରି ରାତ୍ରୀ ସମୟରେ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼େ । ଅମାବାସ୍ୟା ପୂର୍ବ ପରକୁ ମିଶାଇ ପାଞ୍ଚ ଦିନ ମଶାଲ, ଦିହୁରୀ, ଦୀପ, ଲଣ୍ଠନ ଆଦି ଜଳାଇ ପୋକଙ୍କୁ ଆକୃଷ୍ଟ କରି ଦମନ କରାଯାଏ । ଯେଉଁପ୍ରଥାରୁ ଦୀପାବଳିର ଉତ୍ପତି ବୋଲି ବର୍ଣ୍ଣନା ରହିଛି । ତେବେ ଏହା ଭିନ୍ନ ସ୍ଥାନରେ ଭିନ୍ନ ଢଙ୍ଗରେ ପାଳନ ହୋଇଥାଏ ।

କିମ୍ବଦନ୍ତୀ

କାର୍ତ୍ତିକ ଅମାବାସ୍ୟାରେ ଦୀପାବଳୀ ଉତ୍ସବ ପାଳନ କରାଯାଏ। ଏହି ପର୍ବ ପାଳନ ପାଇଁ ଘରେ ଘରେ ଦୀପ ଜଳାଯିବା ସହିତ ବାଣ ଫୁଟାଯାଏ। ଏହି ଦିନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପରମ୍ପରା ହେଲା ପୟା ଶ୍ରାଦ୍ଧ । ଯାହା ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ। ତେବେ ପୁରାଣ ଅନୁଯାୟୀ ଏହାର ବ୍ୟାଖାନ ମଧ୍ୟ ଭିନ୍ନ ରହିଛି, ଆସନ୍ତୁ ଜାଣିବା ସେ ଗୁଡିକ କଣ ।

ରାମାୟଣ

ସତ୍ୟଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ଫେରିଲେ । ଅଯୋଧ୍ୟାର ସମସ୍ତ ନରନାରୀ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଆନନ୍ଦରେ ବିଭିନ୍ନ ପ୍ରକାର ଆଲୋକ ଜଳେଇଥିଲେ । ପୁରା ଅଯୋଧ୍ୟା ସେଦିନ ଆଲୋକରେ ଭରି ଯାଇଥିଲା । ପ୍ରତିଟି ଘରେ ଉତ୍ସବର ମାହୋଲ ଦେଖିବାକୁ ମିଳିଥିଲା । ସେହି ଦିନରୁ ଏହି ଉତ୍ସବ ପାଳନ କରାଯାଉଛି । ଉତ୍ତର ଭାରତରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଭକ୍ତମାନେ ଏହିଦିନ ଟିକୁ ବହୁ ଯାକଜମକରେ ପାଳନ କରନ୍ତି । ସେଥିପାଇଁ ଦୀପାବଳି ଦିନ ସମସ୍ତଙ୍କ ଘରେ ଦୀପ ଜଳାଯିବାର ବିଧି ପାଳନ କରାଯାଇଥାଏ । ସମସ୍ତେ ନିଜ ଘରକୁ ଆଲୋକ ଓ ଦୀପରେ ସଜାଇଥାଆନ୍ତି । ପ୍ରତିଟି ଘରେ ରଙ୍ଗୋଲିର ସମାହାର

ଦୁର୍ଗାପୂଜା ପରେ ଧରାପୃଷ୍ଠରେ ଆର୍ବିଭାବ ଘଟିଥାଏ ମାଆ କାଳୀଙ୍କର, ଯିଏ ପାପୀମାନଙ୍କୁ ବିନାଶ କରି ଧରାରେ ଶାନ୍ତି ଆଣିବାକୁ ଆସିଥାଆନ୍ତି ବୋଲି ବିଶ୍ୱାସ ରହିଛି । ତେବେ ଓଡ଼ିଶାରେ କାଳୀଙ୍କ ପୂଜା ସହ ଏହି ସମୟରେ ପାଳନ ହୋଇଥାଏ ଆଲୋକର ପର୍ବ ଦୀପାବଳି ।









ମଧ୍ୟ ଦେଖିବାକୁ ମିଳିଥାଏ ।

ମହାଦାନୀ ବଳୀ

ରାମାୟଣ ଭଳି ଦୈତରାଜ ବଳିଙ୍କୁ ନେଇମଧ୍ୟ ବର୍ଣ୍ଣନା ରହିଛି । ମହାରାଜ ବଳି ମହାଦାନୀ ଥିଲେ । ସେ ଏପରି ଦାନ କଲେ ଯେ ସ୍ୱର୍ଗର ଦେବତାମାନଙ୍କ ମଧ୍ୟରେ ଭାଳେଣି ପଡ଼ିଗଲା , କାରଣ ତାଙ୍କର ପୂଣ୍ୟ ଫଳରେ ସେ ସ୍ୱର୍ଗପୁରର ଅଧିକାରୀ ହେଇପାରନ୍ତି । ଏଣୁ ଦେବତାମାନଙ୍କ କଥା ରକ୍ଷାକରି ବିଷ୍ଣୁ ବାମନ ଅବତାର ଗ୍ରହଣ କରି ବଳିରାଜଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ଗୋଟିଏ ପାଦରେ ପୃଥିବୀ, ଗୋଟିଏ ପାଦରେ ସ୍ୱର୍ଗ ଏବଂ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପିଦେଲେ । ତେଣୁ ସେ ପାତାଳ ପୁରକୁ ଚାଲିଗଲେ । ତା' ପରେ ବଳିଙ୍କ ପ୍ରାର୍ଥନା ଶୁଣି ପାତାଳରେ ବଳିକୁ ରାଜା କରିଦେଲେ । ତେବେ ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦେଖିବାର ଅନୁମତି ବଳି ବିଷ୍ଣୁଙ୍କୁ ମାଗିଥିଲେ । ବିଷ୍ଣୁ ଏଥିରେ ସମ୍ମତି ଜଣାଇ ଗୋଟିଏ ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ତଥାସ୍ତୁ କହିଲେ । କିଛି ବର୍ଣ୍ଣନା ଅନୁସାରେ ଏହି ଦିନକୁ ଦୀପାବଳି କହନ୍ତି । ତେଣୁ ସେଦିନକୁ ମର୍ତ୍ତ୍ୟବାସୀ ଆନନ୍ଦର ଦୀପ ଜାଳି ଆଲୋକିତ କରନ୍ତି ।

ଶ୍ରୀକୃଷ୍ଣ ଓ ନରକାସୁର

ଶ୍ରୀକୃଷ୍ଣ ଅତ୍ୟାଚାରୀ ନରକାସୁରକୁ କୃଷ୍ଣ ଚତୁର୍ଦ୍ଦଶୀ ଦିନ ବଧକରିଥିଲେ ତେଣୁ ଖୁସିରେ ଆଲୋକର ଉତ୍ସବ ପାଳିତ ହେଇଥିଲା । ଏହି ଦିନକୁ ନରକ ଚତୁର୍ଦ୍ଦଶୀ କୁହଯାଏ । ଏ ଦିନ ସୂର୍ଯ୍ୟୋଦୟ କାଳରେ ସମସ୍ତ ଶରୀରରେ ସୁଗନ୍ଧ ତୈଳ ଲଗାଇ ଗାଧୋଇବାର ପ୍ରଥା ଅଛି । ଦ୍ୱାପରଯୁଗରେ ଶ୍ରୀକୃଷ୍ଣ ରାକ୍ଷସ ନରକାସୁରକୁ ମାରି ଚଉଷଠିସହସ୍ର ରାଜକନ୍ୟାଙ୍କୁ ଉଦ୍ଧାରକଲା ପରେ ଇନ୍ଦ୍ରମାତାଙ୍କୁ ନରକାଦ୍ୱାରା ଅପହୃତ ମଣିକୁଣ୍ଡଳକୁ ଫେରାଇବାକୁ ସତ୍ୟଭାମାଙ୍କୁ ନେଇ ସ୍ୱର୍ଗକୁ ଯାଇଥିଲେ । ସତ୍ୟଭାମାଙ୍କ ଅନୁରୋଧରେ ପାରିଜାତ ବୃକ୍ଷର ଚାରାଟିଏ ଆଣିବାକୁ ଗଲାବେଳେ ଇନ୍ଦ୍ରଙ୍କ ସହିତ ସମସ୍ତଦେବତା ବାଧାଦେବାରୁ ଏକାକି ସବୁଦେବତାଙ୍କୁ ପରାସ୍ତ କରି ପାରିଜାତ ବୃକ୍ଷ ସହ ଅନେକ ଧନରତ୍ନ ନେଇ ଏହିଦିବସରେ ଦ୍ୱାରକା ଫେରିଥିଲେ । ତେଣୁ ଦ୍ୱାରକାବାସୀ ପ୍ରଭୁଙ୍କୁ ସ୍ୱାଗତ ଜଣାଇ ସମଗ୍ରନଗରୀକୁ ଦୀପମାଳାରେ ସଜାଇ, ବାଣ ଫୁଟାଇ ବିଜୟ ଉତ୍ସବ ପାଳନ କରିଥିଲେ, ଯାହା ଦୀପାବଳି ନାମରେ ପରିଚିତ ।

ଓଡ଼ିଶାରେ ଦୀପାବଳି

ଓଡ଼ିଶାରେ ଦୀପାବଳିର ମୁଖ୍ୟ ପରମ୍ପରା ହେଲା ପୟାଶ୍ରାଦ୍ଧ । ଏହିଦିନ ପ୍ରତ୍ୟେକ ଘରେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦିଆଯାଇଥାଏ । ଏହି ଶ୍ରାଦ୍ଧ ଦିନ ଘରର କର୍ତ୍ତା ଉପବାସ ରହିବା ସହ ସନ୍ଧ୍ୟା ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦିଆଯାଇଥାଏ । ଏହି ଶ୍ରାଦ୍ଧ ପରେ କାଉଁରିଆ ଜାଳିବାର ଅନନ୍ୟ ପ୍ରଥା ରହିଛି । ଏହି କାଉଁରିଆ କାଠି ଜାଳି ପିତୃପୁରୁଷଙ୍କୁ ସ୍ୱର୍ଗ ଯିବାର ରାସ୍ତା ଦେଖାଇଥାଆନ୍ତି । ବିଶ୍ୱାସ ରହିଛି ମହାଳୟା ସମୟରେ ମର୍ତ୍ତ୍ୟକୁ ଆସିଥିବା ପିତୃପୁରୁଷ ଏହି ଦିନ ପୁଣି ସ୍ୱର୍ଗକୁ ପ୍ରତ୍ୟାବର୍ତ୍ତନ କରିଥାଆନ୍ତି । କାଉଁରିଆ କାଠି ଜଳା ସହିତ ପ୍ରତିଟି ଘରକୁ ଦୀପରେ ସଜାଯାଇଥାଏ ।






ସେହିଭଳି ଏହି ଦିନ ବିଭିନ୍ନ ସ୍ଥାନରେ କାଳୀଙ୍କର ଆରାଧନା ମଧ୍ୟ କରାଯାଇଥାଏ । କାଳୀଙ୍କର ପୀଠ ସହ ବଡବଡ ମେଢ କରାଯାଇ ମାଆଙ୍କର ପୂଜା ଅର୍ଚ୍ଚନା କରାଯାଇଥାଏ ।

କାଳୀ ପୂଜା

କାଳୀ ପୂଜା ଯାହା ଶ୍ୟାମା ପୂଜା କିମ୍ବା ମହାନିଶା ପୂଜା ଭାବେ ମଧ୍ୟ ଜଣାଶୁଣା । ଏହା ହେଉଛି ହିନ୍ଦୁ ଦେବୀ ମା' କାଳୀଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏକ ପ୍ରମୁଖ ପର୍ବ । ଏହା ହିନ୍ଦୁ ପଞ୍ଜିକାର କାର୍ତ୍ତିକ ମାସ ଅମାବାସ୍ୟା ତିଥିରେ ପାଳନ କରାଯାଏ । ଏହି ପର୍ବ ବିଶେଷ କରି ପଶ୍ଚିମବଙ୍ଗର ବାରାସାତ, ନୈହାଟି, ବାରାକପୁର, ବେଗମପୁର, କୋଲକାତା, ବସିରହାଟ, ଏବଂ ତାମଲୁକ, ବିହାରର ଅଙ୍ଗ ଅଞ୍ଚଳର ଭାଗଲପୁର ଏବଂ ଝାଡ଼ଖଣ୍ଡ, ଓଡ଼ିଶା, ଆସାମ, ତ୍ରିପୁରା ତଥା ପଡ଼ୋଶୀ ଦେଶ ବାଂଲାଦେଶରେ ଅତ୍ୟନ୍ତ ଲୋକପ୍ରିୟ ପର୍ବ।

ଇତିହାସ

ମଧ୍ୟଯୁଗର ଶେଷ ଭାଗର ସଂସ୍କୃତ ଗ୍ରନ୍ଥଗୁଡ଼ିକରେ ବର୍ଣ୍ଣିତ ମା' କାଳୀଙ୍କ ରୂପ ଅନ୍ୟ ଦେବୀମାନଙ୍କ ସହିତ ତାଙ୍କର ବୃଦ୍ଧି ପାଉଥିବା ଲୋକପ୍ରିୟତାକୁ ଦର୍ଶାଏ । ୧୭ଶହ ଶତାବ୍ଦୀର ଆଞ୍ଚଳିକ 'ମଙ୍ଗଳକାବ୍ୟ' ସାହିତ୍ୟରେ ତାଙ୍କର ଆବିର୍ଭାବ ହୋଇଥିଲା ଏବଂ 'କାଳିକାମଙ୍ଗଳକାବ୍ୟ'ରେ ମା' କାଳୀଙ୍କ ପୂଜାରାଧନା ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ପଶ୍ଚିମବଙ୍ଗରେ କାଳୀ ପୂଜା ଏକ ମୁଖ୍ୟ ପର୍ବ । ୧୮ଶହ ଶତାବ୍ଦୀରେ ସଂରକ୍ଷକମାନଙ୍କ



ଦ୍ୱାରା କାଳୀ ପୂଜା ବ୍ୟାପକ ଭାବେ ପ୍ରସାରିତ ହୋଇଥିଲା । ୧୮ଶହ ଶତାବ୍ଦୀରେ ବଙ୍ଗଳାର ନଦିୟାର ରାଜା କୃଷ୍ଣଚନ୍ଦ୍ର ମଧ୍ୟ ଏହି ପୂଜାକୁ ବ୍ୟାପକ କରିଥିଲେ । ୧୯ଶହ ଶତାବ୍ଦୀରେ, ବଙ୍ଗାଳୀମାନଙ୍କ ମଧ୍ୟରେ କାଳୀ ସାଧକ ଶ୍ରୀ ରାମକୃଷ୍ଣଙ୍କ ପ୍ରସିଦ୍ଧି ବୃଦ୍ଧି ପାଇବା ସହିତ କାଳୀ ପୂଜାର ଲୋକପ୍ରିୟତାରେ ଅଭୂତପୂର୍ବ ବୃଦ୍ଧି ଘଟିଥିଲା । ଏହି ସମୟରେ ଏକ ବଡ଼ ପରିବର୍ତ୍ତନ ଆସିଥିଲା, ଯେଉଁଥିରେ ଧନୀ ଜମିଦାରମାନେ ଏହି ପର୍ବକୁ ବ୍ୟାପକ ଭାବେ ପ୍ରାୟୋଜିତ କରିବା ଆରମ୍ଭ କରିଥିଲେ । ଯାହାପରେ ଏହା ଆହୁରି ଆଡ଼ମ୍ବରପୂର୍ଣ୍ଣ ଓ ଭବ୍ୟ ଉତ୍ସବରେ ପରିଣତ ହୋଇଥିଲା ।

କୋଲକାତାର ଭବ୍ୟ ପୂଜା

କୋଲକତାରେ ଦୁର୍ଗା ପୂଜା ଭଳି କାଳୀପୂଜାର ମଧ୍ୟ ଖୁବ ମହତ୍ତ୍ୱ ରହିଛି । କାଳୀ ପୂଜା ସମୟରେ ଶ୍ରଦ୍ଧାଳୁମାନେ ଘରେ ତଥା ମଣ୍ଡପଗୁଡ଼ିକରେ ମା' କାଳୀଙ୍କ ମୂର୍ତ୍ତି ସ୍ଥାପନ କରି ପୂଜାରାଧନା କରିଥାନ୍ତି। ରାତ୍ରି ସମୟରେ ତାନ୍ତ୍ରିକ ରୀତିନୀତି ଏବଂ ମନ୍ତ୍ରୋଚ୍ଚାରଣ ସହ ଦେବୀଙ୍କର ପୂଜା କରାଯାଏ । ଦେବୀଙ୍କୁ ନାଲି ମନ୍ଦାର ଫୁଲ, ମିଠା, ଅନ୍ନ ଏବଂ ଡାଲି ଅର୍ପଣ କରିବାର ବିଧାନ ରହିଛି । ଶ୍ରଦ୍ଧାଳୁମାନେ ରାତିସାରା ରାତ୍ରିଜାଗରଣ କରି ପାହାନ୍ତି ପର୍ଯ୍ୟନ୍ତ ଧ୍ୟାନମଗ୍ନ ରହିବାର ନିୟମ ରହିଛି । କେତେକ ଘର ଏବଂ ମଣ୍ଡପରେ ବ୍ରାହ୍ମଣୀୟ ସଂସ୍କାର ଅନୁସାରେ ମା' କାଳୀଙ୍କୁ ଆଦ୍ୟାଶକ୍ତି ରୂପରେ ସଜ୍ଜିତ କରି ପୂଜା କରାଯାଏ। ଯେଉଁଠାରେ କୌଣସି ବଳିପ୍ରଥା ନଥାଏ । ଏହି ଶୈଳୀରେ







ଦେବୀଙ୍କୁ ଚାଉଳ, ଡାଲି ଏବଂ ଫଳମୂଳରେ ପ୍ରସ୍ତୁତ ଭୋଗ ଓ ମିଠା ଅର୍ପଣ କରାଯାଏ । ଅନ୍ୟପଟେ, ତାନ୍ତ୍ରିକ ପରମ୍ପରାରେ କାଳୀ ପୂଜା ଦିନ ରୀତିନୀତି ଅନୁସାରେ ପଶୁବଳି ଦିଆଯାଇ ଦେବୀଙ୍କୁ ଅର୍ପଣ କରାଯାଏ । କୋଲକାତାରେ ଏକ ବଡ଼ ଶ୍ମଶାନଘାଟରେ କାଳୀ ପୂଜାର ବିଶେଷ ଆୟୋଜନ କରାଯାଏ ,କାରଣ ବିଶ୍ୱାସ କରାଯାଏ ଯେ ମା' କାଳୀ ଶ୍ମଶାନରେ ବାସ କରନ୍ତି । ତାମଲୁକ, ରାଣାଘାଟ, ବେଗମପୁର, ବାରାକପୁର, ନୈହାଟି, ବସିରହାଟ ଏବଂ ସିଲିଗୁଡ଼ି, ଧୂପଗୁଡ଼ି, ଦିନହାଟା, କୁଚବିହାର ଆଦି ଅଞ୍ଚଳ ସେମାନଙ୍କର ଆକର୍ଷଣୀୟ ମଣ୍ଡପ, ଆଲୋକସଜ୍ଜା ଏବଂ ମୃଣ୍ମୟୀ ପ୍ରତିମା ପାଇଁ ବେଶ୍ ପ୍ରସିଦ୍ଧ । ବିଶେଷ କରି ବାରାସାତର କାଳୀ ପୂଜା ସମଗ୍ର ପଶ୍ଚିମବଙ୍ଗରେ ସବୁଠାରୁ ବୃହତ୍ତମ । କୋଲକାତାର ଦୁର୍ଗା ପୂଜା ଭଳି ବାରାସାତର କାଳୀ ପୂଜାର ମଧ୍ୟ ସମାନ ସୁଖ୍ୟାତି ରହିଛି । ଏହି ପାର୍ବଣ ଦିନଗୁଡ଼ିକରେ ଏହି ଅଞ୍ଚଳରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହୁଏ ଏବଂ ଭିନ୍ନ ଭିନ୍ନ ସ୍ଥାନରୁ ଲୋକମାନେ ଏହି ମନୋରମ ମଣ୍ଡପଗୁଡ଼ିକୁ ଦେଖିବାକୁ ଏକାଠି ହୁଅନ୍ତି । ଏହି ମଣ୍ଡପଗୁଡ଼ିକରେ ମା' କାଳୀଙ୍କ ସହ ପ୍ରଭୁ ଶିବଶଙ୍କର, ବଙ୍ଗଳାର ଦୁଇ ପ୍ରସିଦ୍ଧ କାଳୀ ସାଧକ ଶ୍ରୀ ରାମକୃଷ୍ଣ ଏବଂ ବାମାକ୍ଷେପାଙ୍କ ପ୍ରତିମା ସହିତ ମା' କାଳୀଙ୍କ ବିଭିନ୍ନ ପୌରାଣିକ କାହାଣୀ, ରୂପ ଏବଂ ''ଦଶ ମହାବିଦ୍ୟା'' ର ଦୃଶ୍ୟ ସ୍ଥାନ ପାଇଥାଏ । ଲୋକମାନେ ରାତିସାରା ଏହି ମଣ୍ଡପଗୁଡ଼ିକୁ ପରିଦର୍ଶନ କରନ୍ତି । କୋଲକାତାର ପ୍ରସିଦ୍ଧ କାଳୀଘାଟ ମନ୍ଦିରରେ ଏହି ଦିନ ମା' କାଳୀଙ୍କୁ 'ଲକ୍ଷ୍ମୀ' ରୂପରେ ପୂଜା କରାଯାଏ । ଏହି ଦିନ ହଜାର ହଜାର ଭକ୍ତ ମନ୍ଦିର ପରିଦର୍ଶନ କରି ଦେବୀଙ୍କୁ ଭୋଗ ଅର୍ପଣ କରନ୍ତି । କୋଲକାତାର ଅନ୍ୟ ଏକ ପ୍ରସିଦ୍ଧ କାଳୀ ମନ୍ଦିର ହେଉଛି 'ଦକ୍ଷିଣେଶ୍ୱର କାଳୀ ମନ୍ଦିର', ଯେଉଁଠାରେ ଶ୍ରୀ ରାମକୃଷ୍ଣ ପରମହଂସ ପୂଜାରାଧନା କରୁଥିଲେ । ସେଠାରେ ମଧ୍ୟ ଖୁବ ଶ୍ରଦ୍ଧାର ସହିତ କାଳୀପୂଜାର ଆୟୋଜନ କରାଯାଇଥାଏ ।

ବିହାର

ବିହାରର ଅଙ୍ଗ ଅଞ୍ଚଳ, ବିଶେଷ କରି ଭାଗଲପୁର ସମେତ ମୁଙ୍ଗେର, କାଟିହାର ଓ ପୂର୍ଣ୍ଣିଆ ଜିଲ୍ଲାରେ ପ୍ରସିଦ୍ଧ କାଳୀପୂଜା ଅତ୍ୟନ୍ତ ଆଡ଼ମ୍ବର ଓ ଉଲ୍ଲାସର ସହ ପାଳନ କରାଯାଇଥାଏ। ଭାଗଲପୁର ସହରର କୋଣ ଅନୁକୋଣରେ ଶୋଭା ପାଉଥିବା ଶହ ଶହ ଆକର୍ଷଣୀୟ ପୂଜା ମଣ୍ଡପ, ଆଲୋକସଜ୍ଜା ଏବଂ ବିଶାଳ ଶୋଭାଯାତ୍ରା ସମଗ୍ର ସହରକୁ ଉତ୍ସବମୁଖର କରିଥାଏ।



କୋଲକାତାର ବାମା କାଳୀ ପୂଜା



ଏହା ବର୍ତ୍ତମାନର ଏକ ନୂତନ ଧାରା ନୁହେଁ, ବରଂ ଦୀର୍ଘଦିନରୁ ଚାଲିଆସୁଥିବା ଏକ ପାରମ୍ପରିକ ଐତିହ୍ୟ ଅଟେ । ପୂଜାର୍ଚ୍ଚନା ଶେଷ ହେବା ପରେ ଷ୍ଟେସନ ଛକରୁ କାଳୀ ବିସର୍ଜନ ଘାଟ ପର୍ଯ୍ୟନ୍ତ ଏକ ଧାଡ଼ିରେ ପ୍ରାୟ ୮୦ ରୁ ୯୦ଟି ମୂର୍ତ୍ତି ସୁସଜ୍ଜିତ ହୋଇ ରହିବା ସହ ବିଭିନ୍ନ ପୂଜା କମିଟି ଦ୍ୱାରା ପ୍ରଦର୍ଶନୀ , ମହା ଆରତି ଏବଂ ରଙ୍ଗବେରଙ୍ଗର ଆଲୋକମାଳା ଖୁବ ସୁନ୍ଦର ମନୋରମ ପରିବେଶ ସୃଷ୍ଟି କରିଥାଏ । ଏଠିକାର କାଳୀପୂଜା ସହିତ ବିସର୍ଜନ ମଧ୍ୟ ଖୁବ ସୁନ୍ଦର ହୋଇଥାଏ । ଅନ୍ୟପଟେ ନାଥନଗର ଅଞ୍ଚଳରୁ ପ୍ରାୟ ୩୫ ରୁ ୪୦ଟି ମୂର୍ତ୍ତି ଆଉ ଏକ ପୃଥକ ଶୋଭାଯାତ୍ରାରେ ଚମ୍ପା ନଦୀ ଘାଟକୁ ନିଆଯାଇଥାଏ। ଅନ୍ୟପକ୍ଷରେ ବିହପୁର ଅଞ୍ଚଳରେ ୨୨ ଫୁଟ ଉଚ୍ଚତାବିଶିଷ୍ଟ ବିଶାଳ ପ୍ରତିମାଗୁଡ଼ିକୁ ଶ୍ରଦ୍ଧାଳୁମାନେ ନିଜ କାନ୍ଧରେ ବୋହି ଏକ ଅନନ୍ୟ ତଥା ମହାସମାରୋହରେ ବିସର୍ଜନ କରିଥାନ୍ତି । ଯାହାକି ସ୍ଥାନୀୟ ବଙ୍ଗାଳୀ ସମ୍ପ୍ରଦାୟ ଓ ଘରୋଇ ପୂଜାର ବିସର୍ଜନ ନୀତି ସମ୍ପନ୍ନ ହେବା ପରେ ଅନୁଷ୍ଠିତ ହୋଇଥାଏ । ସେହିଭଳି ଏଠାରେ ପ୍ରତିଟି ସ୍ଥାନରେ ମାଆଙ୍କର ସୁଉଚ୍ଚ ପ୍ରତିମୂର୍ତ୍ତି ପୂଜା ପାଇଥାଆନ୍ତି ।



ପୂଜା ପଣ୍ଡାଲରେ ଅନେକ ଭିଡ ଦେଖିବାକୁ ମିଳିଥାଏ ।

ଓଡ଼ିଶା

କାର୍ତ୍ତିକ ମାସର ଅମାବାସ୍ୟା ତଥା ପବିତ୍ର ଦୀପାବଳିର ସୁଭଲଗ୍ନରେ ସାରା ଓଡ଼ିଶାରେ ମହାସମାରୋହ ଜଗଜ୍ଜନନୀ ମା' କାଳୀଙ୍କ ଆରାଧନା ସମ୍ପନ୍ନ କରାଯାଇଥାଏ । ରାଜ୍ୟର ବିଭିନ୍ନ ପ୍ରମୁଖ ସହର ମଧ୍ୟରେ ଭଦ୍ରକରେ ବିଭିନ୍ନ ସ୍ଥାନରେ ଖୁବ ଧୁମଧାମରେ କାଳୀପୂଜାର ଆୟୋଜନ ହୋଇଥାଏ । ଏଠାରେ ପ୍ରତିବର୍ଷ ଚରମ୍ପା ବଜାରଠାରେ ଐତିହାସିକ କାଳୀପୂଜା ଅନ୍ୟତମ ପ୍ରଧାନ ଆକର୍ଷଣ ପାଲଟିଥାଏ । ଯେଉଁଠାରେ ସ୍ୱର୍ଣ୍ଣ ମନ୍ଦିର ଏବଂ ବାଉଁଶ କାରୁକାର୍ଯ୍ୟରେ ନିର୍ମିତ ଆକର୍ଷଣୀୟ ଥିମ୍ ମଣ୍ଡପ, ଦୀର୍ଘଦିନବ୍ୟାପୀ ଚାଲିଥିବା ବିଶାଳ ସାଂସ୍କୃତିକ ମେଳା ଓ ଭବ୍ୟ ବିସର୍ଜନ ଶୋଭାଯାତ୍ରା ସମଗ୍ର ଅଞ୍ଚଳକୁ ଉତ୍ସବମୁଖର କରିଥାଏ। ସେହିପରି ସିଲଭର ସିଟି କଟକରେ ସାହୁକାରୀ ପରମ୍ପରା ସହ ସୁସଜ୍ଜିତ ପ୍ରତ୍ୟେକ ମଣ୍ଡପରେ ମା'ଙ୍କ ସୁନ୍ଦର ମୃଣ୍ମୟୀ ପ୍ରତିମା, କାଲିଗ୍ରାଫିକ୍ ତାରକସି ଚାନ୍ଦି ମେଢ଼ ଏବଂ ଆଲୋକମାଳା ମଧ୍ୟରେ ମାଆଙ୍କର ପୂଜା କରାଯାଇଥାଏ। ଏହାସହ ରାଜଧାନୀ ଭୁବନେଶ୍ୱରର ପୁରୁଣା ସହରସ୍ଥିତ ଐତିହାସିକ ମା' କାଳୀ ମନ୍ଦିରରେ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥାଏ । ଏହାସହ କିଛି ସ୍ଥାନରେ ମାଆଙ୍କର ପଣ୍ଡାଲ ମଧ୍ୟ ସଜାଯାଇ ପୂଜାର ଆୟୋଜନ ହୋଇଥାଏ । ସେହିଭଳି ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ସମ୍ବଲପୁର ଭି.ଏସ.ଏସ. ମାର୍ଗସ୍ଥିତ ଐତିହାସିକ କାଳୀବାଡ଼ି ମନ୍ଦିର, ଯାହା ୧୯୧୬ ମସିହାରେ ବଙ୍ଗୀୟ ସମ୍ପ୍ରଦାୟ ଦ୍ୱାରା ପ୍ରତିଷ୍ଠିତ ହୋଇ ୧୯୮୩ରେ ନବନିର୍ମିତ ହୋଇଥିଲା ସେଠାରେ ମଧ୍ୟ ଖୁବ ଧୁମଧାମରେ ପୂଜା କରାଯାଇଥାଏ। ଓଡ଼ିଶାର ପ୍ରତିଟି ସହରରେ ମାଆଙ୍କୁ ଖୁବ ଶ୍ରଦ୍ଧାର ସହ ପୂଜା କରାଯାଇଥାଏ । ପ୍ରତିଟି ପୂଜାମଣ୍ଡପ ଓ ପାରିବାରିକ ଗୃହଗୁଡ଼ିକରେ ସନ୍ଧ୍ୟାରେ ମା'ଙ୍କ ପ୍ରତିମା ସ୍ଥାପନ ପୂର୍ବକ ଫୁଲ, ନାନାବିଧ ମିଷ୍ଟାନ୍ନ, ଫଳମୂଳ, ଅନ୍ନ, ଡାଲି ଓ ପଞ୍ଚାମୃତ ଅର୍ପଣ କରାଯାଇ ମହାନିଶା ଆରତି ଓ ପୂଜା କରାଯାଇଥାଏ ।

ବର୍ଷ ସାରା ହୁଏ ମାଙ୍କ ଆରାଧାନା

କାର୍ତ୍ତିକ ମାସର ପବିତ୍ର ଦୀପାନ୍ୱିତା ଅମାବାସ୍ୟାରେ ଆୟୋଜିତ ହେଉଥିବା ମହାକାଳୀ ପୂଜା ସାରା ଦେଶରେ ଅତ୍ୟନ୍ତ ଲୋକପ୍ରିୟ ହୋଇଥିବା ବେଳେ, ବର୍ଷସାରା ଅନ୍ୟ କେତେକ ବିଶେଷ ଅମାବାସ୍ୟା ଓ ତିଥିରେ ମଧ୍ୟ ଜଗଜ୍ଜନନୀ ମା' କାଳୀଙ୍କ ବିଶେଷ ଆରାଧନା କରାଯାଇଥାଏ । ସେଥିମଧ୍ୟରୁ 'ରଟନ୍ତୀ କାଳୀପୂଜା', 'ଫଳହାରିଣୀ କାଳୀପୂଜା' ଏବଂ 'କୌଶିକୀ ଅମାବାସ୍ୟା କାଳୀପୂଜା' ଅନ୍ୟତମ । ଧାର୍ମିକ ବିଶ୍ୱାସ ଅନୁସାରେ, କୌଶିକୀ ଅମାବାସ୍ୟା ତିଥି ତାରାପୀଠର ମା' ତାରାଙ୍କ ସହ ଜଡ଼ିତ, ଯେଉଁ ଦିନ ମା' ତାରା ଧରାପୃଷ୍ଠରେ ଆବିର୍ଭୂତ ହୋଇ ସାଧକ ବାମାକ୍ଷେପାଙ୍କୁ ସିଦ୍ଧି ପ୍ରଦାନ କରିଥିଲେ। ଏହି ଦିନ କିଛି ସମୟ ପାଇଁ ସ୍ୱର୍ଗ ଓ ନରକର ଦ୍ୱାର ଖୋଲିଥାଏ ବୋଲି ପୌରାଣିକ ମାନ୍ୟତା ରହିଛି । ଅପରପକ୍ଷରେ, ମାଘ ମାସ କୃଷ୍ଣ ଚତୁର୍ଦ୍ଦଶୀରେ 'ରଟନ୍ତୀ କାଳୀପୂଜା' ଏବଂ ଜ୍ୟେଷ୍ଠ ମାସ ଅମାବାସ୍ୟାରେ 'ଫଳହାରିଣୀ କାଳୀପୂଜା' ପାଳିତ ହୋଇଥାଏ। ବିଶେଷକରି, ୧୮୭୨ ମସିହାର ଫଳହାରିଣୀ କାଳୀପୂଜା ତିଥିରେ ସାଧକ ରାମକୃଷ୍ଣ ପରମହଂସ ନିଜ ଧର୍ମପତ୍ନୀ ଶାରଦା ଦେବୀଙ୍କୁ ମହାଶକ୍ତି 'ଷୋଡ଼ଶୀ' ରୂପରେ ପୂଜାର୍ଚ୍ଚନା କରିଥିବାରୁ ଏହି ଦିବସଟିର ଆଧ୍ୟାତ୍ମିକ ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହିପରି ଭାବେ ଅନେକ ସ୍ଥାନରେ ବିଭିନ୍ନ ସମୟରେ ମାଆଙ୍କର ପୂଜା ଅନୁଷ୍ଠିତ ହୋଇଥାଏ ।







ମୃଣାଳ
ନିର୍ମାଲ୍ୟ, VIP-21 ଲିଟିଲ ଓଡ଼ିଶା,
ଛତାବର, ଭୁବନେଶ୍ୱର
ମୋ: ୯୪୩୭୦୨୬୧୯୪

ନାନ୍ଦନିକତାର ଅପମୃତ୍ୟୁ

ବର୍ତ୍ତମାନ ସମୟରେ ଦେଖିବେ ସମସ୍ତେ ସବୁକଥାରେ ତରବର। ଖାଇବା ଶୀଘ୍ର। ବଜାରରେ ଦେଖିବେ ଫାଷ୍ଟ ଫୁଡ ଦୋକାନ ଅଧିକ। କଉଠି ଯିବା କଥା ପଡିଲେ ତରବର। ସିନେମା ହଲରେ ବସି ସିନେମା ଦେଖୁଥିବେ, ପଚିଶ ଥର ତା' ଭିତରେ ମୋବାଇଲ ଦେଖୁଥିବେ। ମୋବାଇଲରେ ବି ଶାନ୍ତିରେ ଗୋଟେ କଥା ପଢିବା କି ଦେଖିବା ନାହିଁ। ବରାବର ସ୍କ୍ରଲ କରି ଚାଲିଥିବେ। ଜୀବନର ସବୁ କଥାରେ ତରବର। ପ୍ରେମରେ ତରବର, ଘୃଣାରେ ବି ତରବର। ଆନନ୍ଦରେ ତରବର, ଦୁଃଖରେ ବି ତରବର। ଯେ କୌଣସି ଭଲ ଜିନିଷକୁ ଉପଭୋଗ କରିବା ପାଇଁ ତା' ସହିତ ଯେମିତି କିଛି ସମୟ ବିତେଇବାକୁ ପଡେ, ଏକାମ୍ ହେବାକୁ ପଡେ - ସେତିକି ସମୟ ବର୍ତ୍ତମାନ ସମୟର ଲୋକେ ଦେବାକୁ ନାରାଜ। ସବୁ କିଛି ସେମାନଙ୍କୁ ତୁରନ୍ତ ଦରକାର। ଇନ୍ସଟାଣ୍ଟ କଫି, ପ୍ରି-ମିକ୍ସ ଚା, ଦୁଇ ମିନିଟରେ ନୁଡୁଲ ଭଳି ସବୁକିଛି ତୁରନ୍ତ ଦରକାର। ନାନ୍ଦନିକତାକୁ ଇନ୍ସଟାଣ୍ଟ କଫି ପରି ଉପଭୋଗ କରି ହୁଏ ନାହିଁ। ନାନ୍ଦନିକତା ପାଇଁ ସମୟ ଦରକାର। ନାନ୍ଦନିକତା ତିଆରିରେ ଏବଂ ତାକୁ ଅନୁଭବ କରିବାରେ - ଉଭୟ କ୍ଷେତ୍ରରେ ସମୟ ଦରକାର। ହିନ୍ଦୀରେ ଭାରି ସୁନ୍ଦର ଶବ୍ଦଟିଏ ଅଛି - ଠହରାଓ। ତା ଅର୍ଥ ହେଲା - ଆରାମରେ, ଶାନ୍ତିରେ କିଛି କିଛି ସମୟ ଗୋଟେ କାମ ସହିତ ବିତେଇବା।

ହେମନ୍ତରେ ବୈଶାଖ

ନଭେମ୍ବର ଆରମ୍ଭ ବେଳକୁ ଖରା ମଉଳିଯିବା କଥା। ଜୁନ ଶେଷରୁ ଦିନ-ଅବଧି କମିଲାଣି, ରାତି ବଢ଼ିଲାଣି। କିନ୍ତୁ ଅଜବ କଥା ଗରମ କମୁ ନାହିଁ। ଯେଉଁଦିନ ବର୍ଷା ହେଉଛି ସେ' ଦିନ ଛାଡ଼ିଦେଲେ, ରାତିରେ ହାଲକା ଶୀତ ହେଉଥିଲେ ହେଁ ଦିନରେ ଗରମ ସହି ହେଉନାହିଁ।

କାଳୀ ପୂଜା



କାଳୀ ପୂଜା ହେଉଛି ହିନ୍ଦୁ ଧର୍ମର ଏକ ପ୍ରମୁଖ ଶକ୍ତି ଉପାସନା ପର୍ବ। ଏହା କାର୍ତ୍ତିକ ମାସର ଅମାବାସ୍ୟା ତିଥିରେ ପାଳିତ ହୁଏ। ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମର ରକ୍ଷା ପାଇଁ ମା' କାଳୀଙ୍କର ମହାପୂଜା କରାଯାଇଥାଏ। ଏହି ଦିନ ଦୀପାବଳି ବି ପାଳିତ ହୁଏ। ତେବେ ଦୀପାବଳି ଉତ୍ସବର ଉତ୍ପତ୍ତିର କାରଣ ଭିନ୍ନ। କାଳୀ ପୂଜାର ଉତ୍ପତ୍ତି ମୁଖ୍ୟତଃ ଶାକ୍ତ ପରମ୍ପରାରୁ ହୋଇଛି। ଓଡ଼ିଶାରେ ପ୍ରାଚୀନ କାଳରୁ ଶକ୍ତି ଉପାସନା (ବିଶେଷ କରି ମାଆ ବିମଳା, ମାଆ ମଙ୍ଗଳା ଏବଂ କାଳୀ ଉପାସନା) ପ୍ରଚଳିତ ରହିଆସିଛି। ଦୀପାବଳି କିମ୍ବା କାଳୀ ପୂଜା ରାତିରେ ଓଡ଼ିଆ ପରମ୍ପରାରେ ପୁରୀ ଶ୍ରୀକ୍ଷେତ୍ର ସମେତ ଅନ୍ୟାନ୍ୟ ବହୁ ସ୍ଥାନରେ ଘରମାନଙ୍କରେ 'ବଡ଼ବଡୁଆ ହୋ...' କହି କାଉଁରିଆ କାଠ ଜାଳି ପିତୃପୁରୁଷଙ୍କୁ ଆବାହନ କରାଯାଏ।

ପୁରାଣ ଅନୁଯାୟୀ, ରକ୍ତବୀଜ ନାମକ ଅସୁରର ଅତ୍ୟାଚାରରୁ ସୃଷ୍ଟିକୁ ରକ୍ଷା କରିବା ପାଇଁ ମା' ଦୁର୍ଗାଙ୍କ କ୍ରୋଧରୁ ଦେବୀ କାଳୀଙ୍କ ଆବିର୍ଭାବ ହୋଇଥିଲା। ସେ ରକ୍ତବୀଜ ପ୍ରତି ବିନ୍ଦୁ ରକ୍ତକୁ ଭୂମିରେ ପଡ଼ିବା ପୂର୍ବରୁ ପାନ କରି ତାର ନିଧନ କରିଥିଲେ। ଅସୁର ବଧ ପରେ ଦେବୀଙ୍କ କ୍ରୋଧ ଏତେ ଭୟଙ୍କର ଥିଲା ଯେ ସୃଷ୍ଟି ଧ୍ୱଂସ ହେବାକୁ ବସିଥିଲା। ତାଙ୍କୁ ଶାନ୍ତ କରିବା ପାଇଁ ଭଗବାନ ଶିବ ଶୟନ କରିଥିଲେ ଏବଂ ଭୁଲବଶତଃ ଶିବଙ୍କ ଉପରେ ପାଦ ପଡ଼ିବା ମାତ୍ରେ ଲଜ୍ଜାରେ ଦେବୀଙ୍କ ଜିଭ ବାହାରି ପଡ଼ିଥିଲା ଓ ତାଙ୍କ କ୍ରୋଧ ଶାନ୍ତ ହୋଇଥିଲା। ପୂର୍ବ ଭାରତରେ କାର୍ତ୍ତିକ ମାସର ଅମାବାସ୍ୟାରେ କଳି ପୂଜା ହେଉଥିଲାବେଳେ ଉତ୍ତର ଓ ପଶ୍ଚିମ ଭାରତରେ ଏହି ଦିନ ଲକ୍ଷ୍ମୀଙ୍କ ପୂଜା ହୁଏ। ଦୀପାବଳୀ ସନ୍ଧ୍ୟାରେ ଦୀପ ଜାଳିବା ପରମ୍ପରାର ପ୍ରେକ୍ଷାପଟ ହେଲା - ପୌରାଣିକ ମାନ୍ୟତା ଅନୁଯାୟୀ, ଚତୁର୍ଦ୍ଦଶ ବର୍ଷର ବନବାସ ଏବଂ ଲଙ୍କା ବିଜୟ ପରେ ଭଗବାନ ଶ୍ରୀରାମ, ମାତା ସୀତା ଓ ଲକ୍ଷ୍ମଣ କାର୍ତ୍ତିକ ଅମାବାସ୍ୟା ଦିନ ଅଯୋଧ୍ୟା ଫେରିଥିଲେ। ସେହି ଘନ ଅନ୍ଧକାର ରାତିକୁ ଆଲୋକିତ କରିବା ଏବଂ ପ୍ରଭୁ ଶ୍ରୀରାମଙ୍କ ସ୍ୱାଗତ ପାଇଁ ଅଯୋଧ୍ୟାବାସୀ ସାରା ନଗରୀକୁ ଦୀପ ଜାଳି ସଜାଇଥିଲେ।

ଚିତ୍ର: ସୁଧୀରଞ୍ଜନ ମୁଖାର୍ଜୀ

ପଞ୍ଚଗବ୍ୟ ଦୀପ

ଦିବର୍ଷ ତଳେ କର୍ଣ୍ଣାଟକର ହାମ୍ପି (ୟୁନେସ୍କୋ (UNESCO) ବିଶ୍ୱ ଐତିହ୍ୟ ସ୍ଥଳ) ବୁଲି ଯାଇଥିଲା ବେଳେ ଗୋଟେ ମନ୍ଦିରରେ ଗୋବର ଦୀପ ଦେଖିଥିଲି। ମନ୍ଦିରକୁ ଲାଗି ଗୋଟେ ଗୋଶାଳା ଅଛି। ସେଠି ବାହାରୁଥିବା ଗୋବରରେ ଦୀପ ତିଆରି କରାଯାଏ। ମାଟି ବା ପ୍ଲାଷ୍ଟିକ ଦୀପଠୁ ଏହା ବହୁତ ଭଲ ଆଉ ପରିବେଶ-ଅନୁକୂଳ। ଗୋବର ଦୀପ ଜଳି ଗଲେ ପାଉଁଶ ହୋଇଯିବ, ଯାହା ଦାନ୍ତଘସାରେ ଲାଗିବ; ଗଛରେ ଜୈବିକ ସାର ଭାବେ ବ୍ୟବହାର କରିହେବ। ମୁଁ ଏ ବିଷୟରେ ସେତେବେଳେ ଏହି ସ୍ତମ୍ଭରେ ଲେଖିଥିଲି। ଏବେ ଶୁଣୁଛି ପୁରୀ ଜିଲ୍ଲାର ମହିଳା ମଣ୍ଡଳ ସଙ୍ଗଠନ ବାଣପୁର ବଉଳାବନ୍ଧ ଗୋଶାଳାରୁ ଗୋବର କିଣି ଗୋବରଦୀପ ପ୍ରସ୍ତୁତ କରୁଛନ୍ତି। ତାକୁ କହୁଛନ୍ତି : ପଞ୍ଚଗବ୍ୟ ଦୀପ। ଗୋଟେ ଦୀପ ଦାମ ୨ଟଙ୍କା। ଆଖିରେ ପଡିଲେ, ଏହି ଦୀପକୁ ବ୍ୟବହାର କରନ୍ତୁ।

ଚାହା- ବିସ୍କୁଟ

ରାସ୍ତା ସେ କଡ଼କୁ ଚାହା ଦୋକାନ। ସାମ୍ନାରେ କାଠ ବେଞ୍ଚ୍ ଗୋଟାଏ।

- ତମେ ଚାହା ସାଙ୍ଗେ ବିସ୍କୁଟ କାହିଁକି ଖାଅ ? ପୁଣି ଚାହାରେ ବିସ୍କୁଟ ବୁଡ଼େଇ ? - ଏମତି...
- କାହିଁକି ଯେ ??
- ମତେ ତାହା ମନେ ପକେଇ ଦିଏ।
- କ'ଣ ?
- କାହା ଭିତରେ ବେଶି ଡୁବିଲେ - ଭାଙ୍ଗିଯିବ, ମିଳେଇ ଯିବ। ମିଳେଇ ହିଁ ଯିବ।

(ସୌଜନ୍ୟ: ଜ୍ୟୋତିପ୍ରକାଶ ମହାପାତ୍ର)

ହେମନ୍ତର ସନ୍ଧ୍ୟା

ଶେଷ ଶରତର ଆକାଶରୁ ଯେତେବେଳେ ଜହ୍ନର ରଙ୍ଗ ଧୀରେ ଧୀରେ ଫିକା ପଡ଼ିଆସେ, ଠିକ୍ ସେତିକିବେଳେ ଚୁପ୍‌ଚାପ୍ ସନ୍ତର୍ପଣରେ ଧରାପୃଷ୍ଠକୁ ଓହ୍ଲାଇଆସେ ହେମନ୍ତର ସନ୍ଧ୍ୟା। ଏହି ସନ୍ଧ୍ୟା ଅନ୍ୟ ସବୁ ଋତୁର ସନ୍ଧ୍ୟାଠାରୁ ସମ୍ପୂର୍ଣ୍ଣ ନିଆରା। ଏଥିରେ ନା ଥାଏ ବର୍ଷାର ଆଖିଛଳଛଳ ଅଭିମାନ, ନା ଥାଏ ଗ୍ରୀଷ୍ମର କ୍ଲାନ୍ତ ଅସ୍ଥିରତା। ଏହା କେବଳ ଆଣିଦିଏ ଏକ ଶାନ୍ତ, ସ୍ନିଗ୍ଧ ଓ ଗଭୀର ଆତ୍ମସନ୍ତୋଷ। ହେମନ୍ତ ସନ୍ଧ୍ୟାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏହାର ଆବେଗିକ ପରିବେଶ। ଗାଁ ମୁଣ୍ଡରେ ଜମି ରହିଥିବା କାକରଭିଜା କୁହୁଡ଼ିର ଆସ୍ତରଣ ଏବଂ ଧାନବିଲରୁ ଭାସି ଆସୁଥିବା ବାସ୍ନା ମନକୁ କେଉଁ ଏକ ଅଜଣା ରାଇଜକୁ ନେଇଯାଏ। ଘର ବାହାରେ ଜଳୁଥିବା ସଞ୍ଜଦୀପ ଏବଂ ତୁଳସୀ ଚଉରା ମୂଳରୁ ଆସୁଥିବା ଶଙ୍ଖଧ୍ୱନି ଏହି ସନ୍ଧ୍ୟାକୁ ଅଧିକ ଆଧ୍ୟାତ୍ମିକ ଓ ଆପଣାର କରିଦିଏ। ଏହି ସମୟରେ ପ୍ରକୃତି ସତେ ଯେମିତି ନିଜକୁ ଏକ ଧୂସର ଚଦରରେ ଢାଙ୍କି ଶୋଇବାକୁ ପ୍ରସ୍ତୁତ ହୁଏ।ଶୀତର ସାମାନ୍ୟ ସୁଆଦିଆ ସ୍ପର୍ଶ ମଣିଷକୁ ପରିବାରର ନିକଟତର କରାଏ। ସଞ୍ଜ ନଇଁବା ମାତ୍ରେ ସମସ୍ତେ ନିଜ ନିଜ ନୀଡ଼କୁ ଫେରିଆସନ୍ତି। ଗରମ ଚା' କପ୍ ସହିତ ପୁରୁଣା ସ୍ମୃତିର ପେଡ଼ି ଖୋଲେ। ଏହି ସନ୍ଧ୍ୟା କେବଳ ଦିନର ଅବସାନ ନୁହେଁ, ବରଂ ନିଜ ସହ ନିଜର ଭେଟ ହେବାର ଏକ ସୁନ୍ଦର ମାଧ୍ୟମ। ହେମନ୍ତର ସନ୍ଧ୍ୟା ଆମକୁ ଶିଖାଏ ଯେ, ଜୀବନର କୋଳାହଳ ଭିତରେ ଟିକିଏ ନୀରବତା କେତେ ଜରୁରୀ। ଏହା ପ୍ରକୃତିର ଏକ ନିଶବ୍ଦ କବିତା, ଯାହା ପ୍ରତିଟି ହୃଦୟକୁ ଆନ୍ଦୋଳିତ କରିଥାଏ। ଶେଷ କଥା: ହେମନ୍ତର ସନ୍ଧ୍ୟା ଏମିତି ହେବା କଥା। ହେଲେ ଆଜିକାଲି ସବୁ କେମିତି ବଦଳି ବାଦିଲି ଯାଉଛି। ହେମନ୍ତରେ ଆସିଗଲା ଘୂର୍ଣ୍ଣିବାତ୍ୟା 'ଅର୍ଣ୍ଣବ'। ଦକ୍ଷିଣ ଓଡିଶାକୁ ମଚ୍ଛି ଦେଇ ଚାଲିଗଲା। ଏ ଲେଖା ଲେଖିଲାବେଳକୁ ଗଣମାଧ୍ୟମରେ ଆଉ ଗୋଟେ ଘୂର୍ଣ୍ଣିବାତ୍ୟା - 'ମୁରାସୁ' ଆସିବାର ଆଶଙ୍କା।



ସମ୍ପର୍କରେ ପୂର୍ଣ୍ଣଚ୍ଛେଦ

ଲୋକପ୍ରିୟ ବଲିଉଡ୍ ଗାୟିକା କନିକା କପୁର ବିବାହର ୪ ବର୍ଷ ପରେ ସ୍ୱାମୀ ଗୌତମ ହଥୁରାମାନିଙ୍କଠାରୁ ଅଲଗା ହେବା ନେଇ ଘୋଷଣା କରିଛନ୍ତି । କନିକାଙ୍କ ଡିଭର୍ସ ତାଙ୍କ ଫ୍ୟାନଙ୍କୁ ଖୁବ କଷ୍ଟ ଦେଇଛି । 'ବେବି ଡଲ୍' ଗୀତ ପାଇଁ ଘରେ ଘରେ ପରିଚିତ କନିକା ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଏକ ଇମୋସନାଲ ପୋଷ୍ଟ ସେୟାର୍ କରି ଏହି ସୂଚନାଦେଇଛନ୍ତି । ଏହାସହ ଏହି କଠିନ ସମୟରେ ତାଙ୍କ ବ୍ୟକ୍ତିଗତ ଗୋପନୀୟତାକୁ ସମ୍ମାନ ଦେବାକୁ ନିବେଦନ ମଧ୍ୟ କରିଛନ୍ତି । ସୂଚନା ଅନୁସାରେ ପ୍ରାୟ ୧୫ ବର୍ଷର ବନ୍ଧୁତା ପରେ ୨୦୨୨ ମସିହା ମେ' ୨୦ ତାରିଖରେ ଲଣ୍ଡନ୍‌ରେ ଉଭୟ କନିକା ଓ ଗୌତମ ବିବାହ କରିଥିଲେ । ଏହା ପୂର୍ବରୁ ୧୯୯୮ ମସିହାରେ ବ୍ୟବସାୟୀ ରାଜ୍ ଚାନ୍ଦୋକଙ୍କୁ ବିବାହ କରିଥିବା କନିକା ୨୦୧୨ରେ ତାଙ୍କଠାରୁ ଅଲଗା ହୋଇ ନିଜର ତିନି ସନ୍ତାନଙ୍କ ସହ ଭାରତ ଫେରି ସଙ୍ଗୀତ କ୍ୟାରିୟର୍ ଆରମ୍ଭ କରିଥିଲେ ।



ଶୋ' ଛାଡ଼ିବାକୁ ଧମକ

ଚର୍ଚ୍ଚିତ ରିଆଲିଟି ସୋ' 'ବିଗ୍ ବସ୍ ୨୦' ଗୃହ ମଧ୍ୟରେ ଅଭିନେତ୍ରୀ ମାହୀ ବିଜ୍ ବେଶ୍ ଭାବବିହ୍ୱଳ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଫ୍ୟାମିଲି ଟାସ୍କ ଚାଲିଥିବା ସମୟରେ ପ୍ରତିଯୋଗୀ ଲଭ୍ ଗିଲ୍‌ଙ୍କ ମା' ମାହୀଙ୍କ ପୂର୍ବ ମନ୍ତବ୍ୟକୁ ନେଇ ପ୍ରଶ୍ନ ଉଠାଇବାରୁ ମାହୀ ଅତ୍ୟନ୍ତ ମର୍ମାହତ ହୋଇ କାନ୍ଦିପକାଇଛନ୍ତି । କେବଳ ସେତିକି ନୁହେଁ, ବିଗ୍ ବସ୍ ନିର୍ମାତା ତାଙ୍କୁ ଖରାପ ଭାବେ ଚିତ୍ରିତ କରୁଥିବା ଅଭିଯୋଗ ଆଣି ସେ ଶୋ' ଛାଡ଼ି ଚାଲିଯିବାକୁ ଧମକ୍ ମଧ୍ୟ ଦେଇଛନ୍ତି । ସୂଚନାଯୋଗ୍ୟ, ଏକ ବିଶେଷ ଟାସ୍କ ସମୟରେ ଲଭ୍ ଗିଲ୍‌ଙ୍କ ମା' ପଠାଇଥିବା ଅଡିଓ ସନ୍ଦେଶରେ ସେ ମାହୀଙ୍କୁ ସଚେତନ କରାଇ କହିଥିଲେ, "ମାହୀଜୀ, ଆପଣ ମନେରଖିବା ଉଚିତ୍ ଯେ ଆପଣଙ୍କର ମଧ୍ୟ ଜଣେ ଝିଅ ଅଛି" । ପୂର୍ବରୁ ଲଭ୍ ଗିଲ୍, ସ୍ୱାଉଟ୍ ଓ କାଶ୍ୱାଙ୍କ ବିବାଦକୁ ନେଇ ମାହୀ ଦେଇଥିବା କିଛି କଠୋର ବକ୍ତବ୍ୟକୁ ନେଇ ଏହି ବିବାଦ ସୃଷ୍ଟି ହୋଇଛି । ଏହି ଘଟଣା ପରେ ମାହୀ ଅନ୍ୟ ପ୍ରତିଯୋଗୀ ଉଦିତି ସିଂହ ଓ ଆରିଶଫାଙ୍କ ଆଗରେ ନିଜର ଆକ୍ଷେପ ପ୍ରକାଶ କରି କହିଛନ୍ତି । "ନିର୍ମାତାମାନେ କେବଳ ମୋର କମେଣ୍ଟଗୁଡ଼ିକୁ ବାଛି ବାଛି ଦେଖାଉଛନ୍ତି । ଅନ୍ୟମାନେ ମୋଠାରୁ ଅଧିକ ଖରାପ କଥା କହୁଥିଲେ ବି ମୋତେ ହିଁ ଟାର୍ଗେଟ୍ କରାଯାଉଛି । ବାହାରେ ମୋ ପରିବାର ଏହା ଦେଖୁଛନ୍ତି, ମୁଁ ଏଠାରେ ମୋ ନାଁ ଖରାପ କରିବାକୁ ଆସିନାହିଁ; ଏମିତି ହେଲେ ମୁଁ ଆଉ ସୋ'ରେ ରହିବି ନାହିଁବୋଲି ମାହୀ ମତ ଦେଇଛନ୍ତି ।

ପସନ୍ଦ ଆସୁଛି କେମେଷ୍ଟ୍ରି

ବିଟାଉନ 'ବାଦଶାହ' ଶାହରୁଖ ଖାନ୍‌ଙ୍କ ୬୧ତମ ଜନ୍ମଦିନ ଅବସରରେ ପ୍ରଶଂସକଙ୍କ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ତାଙ୍କ ଅଭିନୀତ ଆଗାମୀ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'କିଙ୍ଗ'ର ପ୍ରଥମ ଗୀତ ଲଞ୍ଚ ହୋଇଛି । ୩ ମିନିଟ୍ ୪୨ ସେକେଣ୍ଡର ଡୁ ମିଲ୍ ଯାଏ ରୋମାଣ୍ଟିକ୍ ଗୀତରେ ଶାହରୁଖ ଖାନ୍ ଓ ଦୀପିକା ପାଦୁକୋନ୍‌ଙ୍କୁ ଦେଖିବାକୁ ମିଳିଛି । ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ଶାହରୁଖ ଏହାକୁ ସେୟାର କରିଛନ୍ତି । ସଚିନ-ଜିଗରଙ୍କ ସଙ୍ଗୀତ ସଂଯୋଜନାରେ ଏହି ଗୀତଟିକୁ ଅରିଜିତ୍ ସିଂହ, ଆନ୍ତର୍ଜାତୀୟ ଗାୟକ ଏଡ୍ ସିରନ୍ ଓ ମଧୁବନ୍ତୀ ବାଗଚୀ କଣ୍ଠଦାନ କରିଛନ୍ତି । 'ପଠାନ୍' ଚଳଚ୍ଚିତ୍ରର ସଫଳ ନିର୍ଦ୍ଦେଶକ ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ ଏହି ହାଇ-ଆକ୍ଟନ୍ ଥ୍ରିଲର୍‌ରେ ଶାହରୁଖ-ଦୀପିକାଙ୍କ ଶାନଦାର୍ କେମିଷ୍ଟ୍ରି ସହ ସୁହାନା ଖାନ୍, ଅଭିଷେକ ବଚ୍ଚନ, ରାଣୀ ମୁଖାର୍ଜୀ, ଜ୍ୟାକି ଶ୍ରଫ୍, ଆର୍‌ଷଦ ୱାର୍ସୀ, ରାଘବ ଜୁୟାଲ୍, ଅଭୟ ବର୍ମା, ସୌରଭ ଶୁକ୍ଲା ଓ ଜୟଦୀପ ଅହଲାୱତଙ୍କ ଭଳି ବହୁ ପ୍ରସିଦ୍ଧ କଳାକାର ନଜର ଆସିବେ । ଯାହା ଚଳିତ ବର୍ଷ ୨୦୨୬ ଖ୍ରୀଷ୍ଟମାସ ଅବସରରେ ରିଲିଜ ହେବା ପାଇଁ ଯୋଜନା ରହିଛି ।




ନୂଆ ପ୍ରୋଜେକ୍ଟରେ ଗୌରବ

ଟେଲିଭିଜନ୍ ଦର୍ଶକଙ୍କ ପାଇଁ ଆସୁଛି ଏକ ନୂଆ ରୋମାଣ୍ଟିକ୍ ଫ୍ୟାମିଲି ଡ୍ରାମା 'ଦିଲ୍ କି ବେଓଫାଇୟାଁ' । ଏକ୍ତା କପୁରଙ୍କ ବାଲାଜୀ ଟେଲିଫିଲ୍ମସ ପ୍ରଯୋଜିତ ଏହି ଧାରାବାହିକ ମାଧ୍ୟମରେ ଲୋକପ୍ରିୟ ଅଭିନେତା ଗୌରବ ଖାନ୍ନା ଓ ଅଭିନେତ୍ରୀ ଶ୍ରଦ୍ଧା ଆରିଆ ପ୍ରଥମ ଥର ପାଇଁ ଏକାଠି ପରଦା ଶେୟାର୍ କରିବାକୁ ଯାଉଛନ୍ତି । ଷ୍ଟାର୍ ପ୍ଲସ୍ ପକ୍ଷରୁ ଏହି ଶୋ'ର ଅଫିସିଆଲ୍ ପୋଷ୍ଟର୍ ଉନ୍ମୋଚନ କରାଯିବା ସହ ଏହାର ଷ୍ଟ୍ରିମିଂ ତାରିଖ ମଧ୍ୟ ଘୋଷଣା କରାଯାଇଛି । ଆସନ୍ତା ନଭେମ୍ବର ୨୪ ତାରିଖରୁ ଷ୍ଟାର୍ ପ୍ଲସ୍ ଏବଂ ଜିଓ-ହଟ୍‌ଷ୍ଟାର୍‌ରେ ଏହି ଧାରାବାହିକ ଆରମ୍ଭ ହେବ । 'ଅନୁପମା' ଧାରାବାହିକରୁ ବେଶ୍ ପ୍ରଶଂସା ସାଉଣ୍ଟିଥିବା ଗୌରବ ଖାନ୍ନା ଏହି ପ୍ରକଳ୍ପ ଜରିଆରେ ପୁଣିଥରେ ଡେଲି ଫିକ୍ସନ୍‌କୁ ଫେରୁଛନ୍ତି । ସେହିଭଳି 'କୁଣ୍ଡଳୀ ଭାଗ୍ୟ' ପରେ ଶ୍ରଦ୍ଧା ଆରିଆ ପୁଣିଥରେ ବାଲାଜୀ ଟେଲିଫିଲ୍ମସ ସହ କାମ କରୁଛନ୍ତି ।

ସକାଳ ୫ଟାରେ ଟିଜର ଲଞ୍ଚ

ବଲିଉଡ୍‌ର ସୁପରଷ୍ଟାର୍ ସଲମାନ୍ ଖାନ୍ ପୁଣିଥରେ ନିଜ ଫ୍ୟାନ୍‌ମାନଙ୍କୁ ବଡ଼ ସରପ୍ରାଇଜ୍ ଦେଇଛନ୍ତି । କିଛି ଦିନ ତଳେ ସକାଳୁ ସକାଳୁ ସଲମାନ୍ ତାଙ୍କ ଆଗାମୀ ଚଳଚ୍ଚିତ୍ର 'ମାତୃଭୂମି'ର ନୂଆ ଗୀତ 'ତେରା ସେକ୍ସି ବ୍ୟୁଟି'ର ଟିଜର୍ ରିଲିଜ୍ କରିଛନ୍ତି । ଯାହା ତାଙ୍କ ପ୍ରଶଂସକଙ୍କୁ ଏକ ମ୍ୟୁଜିକାଲ୍ ସରପ୍ରାଇଜ୍ ଦେଇଛି । ଭୋର୍ ୫ଟାରେ ନିଜ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ଏହି ଗୀତର ଝଲକ୍ ସେୟାର୍ କରିବା ସହ କ୍ୟାପସନରେ "ଡିପାର୍ଚର ଟାଇମ୍ ସକାଳ ୫: ୧୨... ଫ୍ଲାଇଟ୍ ଅର୍ ଟାଇମ୍, ୨ ପେଗ୍ ଡାଉନ୍ ଟେକ୍‌ଅପ୍ ୱିଥ୍ ମାଇ ସେକ୍ସି ବ୍ୟୁଟି... ପତା ନେହିଁ କାହାଁ ମେଁ ଲ୍ୟାଣ୍ଡ କରୁଁ" ଲେଖିଛନ୍ତି । ଯାହା ବର୍ତ୍ତମାନ ଖୁବ ଚର୍ଚ୍ଚାର ବିଷୟ ପାଲିଟିଛି । ହିମେଶ ରେଶମିୟାଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଗୀତଟିକୁ ସଲମାନ୍ ଖାନ୍‌ଙ୍କ ସହ ମୁସ୍ତାନ୍ ଗାଇଛନ୍ତି । ସେହିଭଳି ସାଜିଦ୍ ଖାନ୍ ଏହାର ଗୀତ ରଚନା କରିବା ସହ କିଛି ଅଂଶରେ କଣ୍ଠଦାନ ମଧ୍ୟ କରିଛନ୍ତି । ଏହି ମ୍ୟୁଜିକ୍ ଭିଡିଓରେ ସଲମାନ୍‌ଙ୍କ ସହ ଫିଲ୍ମର ମୁଖ୍ୟ ନାୟିକା ଚିତ୍ରାଙ୍ଗଦା ସିଂ ନଜର ଆସୁଛନ୍ତି ।



ଫୁଟାଅ ସବୁଜ ବାଣ

ବେଶୀ ବାଣ ମୁନ୍ ଫୁଟେଇ ନଥିଲା
କାଲି ଥିଲା ଦୀପାବଳି
ଦୀପ ଲାଗିଥିଲା ସକାଳେ ଲିଭିଲା
ସାରା ରାତି ଜଳି ଜଳି ॥
ସାଙ୍ଗମାନେ ତା'ର କହୁଥିଲେ କିଏ
ବାଣ କିଣିଥିଲା କେତେ
କୁନୁ କହୁଥିଲା ତା ରକେଟ ବାଣ
ଶବଦ କରିଲା ଏତେ ॥
କାନନ କହିଲା ବତି ଲଗେଇଲା
ଭରିଗଲା ପରା ଧୂଆଁ
ଝରି ଝରି ହୋଇ ସଅର୍ କରିକି
କୁମ୍ଭି ହେଲା ଉର୍ଦ୍ଧ୍ୱ ମୁହାଁ ॥
ମୁନ୍ ତ କହିଲା ତୁମ ବାଣ ଫୁଟି
ଶବ୍ଦ, ଧୁଆଁ ଯେତେ ହେଲା
ବାୟୁର ସ୍ତରକୁ ଆହୁରି ଅଧିକ
ପ୍ରଦୂଷଣ କରିଦେଲା ॥
ସେ ସବୁଜ ବାଣ କିଣି ଆଣିଥଲା
ଫୁଟେଇ ଥିଲାରେ ତାହା
ଶୁଣି ସାରି ସବୁ 'ଭଲ ବାଣ ସିଏ'
କହିଦେଲେ ହସି ମାଆ ॥
ସାଙ୍ଗମାନେ ତା'ର କହିଲେ ମୁନ୍ କୁ
ଏକଥା ରହିଲା ମନେ
ଆସନ୍ତା ବର୍ଷକୁ ସବୁଜବାଣ ଯେ
ଫୁଟେଇବା ଆମେମାନେ ॥
ବାୟୁ ପ୍ରଦୂଷଣ ଡର ରହିବନି
ବଢ଼ିଆ କଥାଟି ଇଏ
ବିଜ୍ଞାନ ପାଠଟି ପଢିଛି ଯିଏରେ
ବୁଝିଯିବ ଆଗ ସିଏ ॥

ନୀଳମଣି ଚାନ୍ଦ
ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର,
ମୋ: ୯୫୮୩୨୦୨୩୫୭

ଆଲୋକର ପର୍ବ

ପ୍ରତିଟି ଦୁଆରେ ଦୀପ ଜ୍ୱାଳି
ପାଳିବାରେ ଆମେ ଦୀପାବଳି
ପରିବାର ମେଳେ ମିଳି,
ପିତୃ ପୁରୁଷ ଙ୍କୁ ଦେବାରେ ବିଦାୟ
କାଉଁରିଆ କାଠି ଜ୍ୱାଳି ॥
ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମ
ଅଯୋଧ୍ୟା ରାଜ୍ୟ ରେ ନେଇ ଜନମ
ଧର୍ମ ସଂସ୍ଥାପନ ପାଇଁ,
କରିଥିଲେ ପରା ରାବଣ ନିଧନ
ଦେବତା ଙ୍କୁ କଥା ଦେଇ ॥
ପିତୃ ସତ୍ୟ ପାଳି ବନକୁ ଯାଇ
ଚଉଦ ବରଷ ସେଠି କଟାଇ
ଏହି ଦିନ ଫେରି ଥିଲେ,
ରାଇଜବାସୀ ଏ ଦୀପ ଟି ଜଳାଇ
ତାଙ୍କୁ ଯେ ସଂଖୋଳି ଥିଲେ ॥
କାହିଁକେଉଁ କାଳୁ ରହିଛି କଥା
ପାଳନ୍ତି ସଭିଏଁ ପୁରୁଣା ପ୍ରଥା
ଘର ଦ୍ୱାର ଲିପି ଦେଇ,
ପିତୃ ପୁରୁଷଙ୍କୁ ଦେଇ ଥାନ୍ତି ଶ୍ରାଦ୍ଧ
ଆଶିଷ ପାଇବା ପାଇଁ ॥
ବାଣ କୁ ଫୁଟାଇ ଦୀପ ଜଳାଇ
ନିଜ ଘର ଦ୍ୱାର ସଜାଇ ଦେଇ
ଖୁସି ମନେ ଆନନ୍ଦରେ,
ଆଲୋକ ର ପର୍ବ କରିବା ପାଳନ
ଆମେ ଆମ ରାଇଜରେ ॥

ପ୍ରଫୁଲ୍ଲ କୁମାର ସାହୁ
ଶକ୍ତି ବିହାର, ବାଲିପଡ଼ା,
ମାହାଙ୍ଗା, କଟକ ।
ମୋ : ୭୬୦୯୦୪୪୩୮୩



ଚମକଇ ରାତିରେ

ଝିଲିମିଲି ତାରା କେତେ
ଚମକଇ ରାତିରେ
କୁମ୍ଭିବାଣୁ ତାରା ଝରେ
ଚଡଚଡ କରିରେ ॥
ଆଲୁଅ ତ ବୁଣିଚାଲେ
ହସ ଏଇ ଧରାରେ
ରୁପାପରି ଝଲମଲ
ଚମକେ ତା' ତେଜରେ ॥
ରକେଟ ବାଣଟା ଉଡେ
ଆକାଶର ଛାତିରେ
ରାମଚନ୍ଦ୍ର ବାହାରନ୍ତି
ବନବାସ ପାଇଁରେ ॥
ଚକ୍ରି ଘୂରେ ଘିରିଘିରି
ଶୁଖାଭୂଇଁ ଉପରେ
ନିଆଁ କିଏ ଲଗେଇଛି
ନାହିଁ ତାର ଦେଖା ରେ ॥
ଢୋ ଢୋଓ ଶବଦରେ
ଫୁଟେ ରଶି ବାଣଟା
ଆଙ୍କିଦିଏ କି ସୁନ୍ଦର
ଅଗଣାରେ ଛବିଟା ॥
ଫୁଟାଯାଏ ବାଣ କେତେ
ଜଳିଉଠେ ପ୍ରଦୀପ
ଖୁସିର ଲହରୀ ଖେଳୁ
ଧନ ଆସୁ ଅମାପ ॥

ନଗେନ୍ଦ୍ର ନାଥ ପଟ୍ଟନାୟକ
ଓସ୍କାର ସିଟି, ଲକ୍ଷ୍ମୀ ସାଗର
କେନାଲ ରୋଡ
ଭୁବନେଶ୍ୱର
ମୋ: ୯୪୩୮୩୩୨୧୩୮

ଆଜି ଶୁଭ ଦୀପାବଳି

କାର୍ତ୍ତିକ ମାସର ଅମା ଅନ୍ଧାର ତଡ଼ି
କିଏ ସେ ଆସିଚି ଖୁସିର ଲହରୀ ଧରି
ଆଲୋକ ମାଳାରେ ଝଲି ଉଠେ ବାଟଘାଟ
ସଜେଇ ହେଲାଣି ଗାଆଁରୁ ସହର ଗଳି
ଆଜି ଶୁଭ ଦୀପାବଳି ॥
ଆସ କିଣିନେବା ମାଟି ଦୀପ ଭଲିଭଳି
ଅଗଣା ଦୁଆରେ ସଜାଇବା ଧାଡ଼ିଧାଡ଼ି
ଆଜି ଶୁଭ ଦିନେ ଫେରିଥିଲେ ରାଜା ରାମ
ଦାନବ ସଂହାରି ବିଜୟ ପତାକା ତୋଳି
ଆଜି ଶୁଭ ଦୀପାବଳି ॥
ବଡ଼ବଡ଼ିଆଙ୍କୁ କାଉଁରିଆ କାଠି ଜ୍ୱାଳି
ପିଣ୍ଡଦାନ ଦେଇ ଡ଼ାକିବେ ସଭିଏଁ ମିଳି
ମିଠା ପିଠା ଖାଇ ଖେଳୁଥିବେ କୁନାକୁନି
ଝିଲିମିଲି ଦୀପ ହସୁଥିବ ଜଳିଜଳି
ଆଜି ଶୁଭ ଦୀପାବଳି ॥
ଶୁଦ୍ଧ ପରିବେଶ ଭାବନା ମନରେ ଧରି
ଆଣିବା ସବୁଜ ବାଣ ଆଉ ଫୁଲ ଝରି
ବାୟୁ ପ୍ରଦୂଷଣ କଥାଟି ବୁଝାଇ ଦେବା
ସଭିଙ୍କ ଭିତରେ ସ୍ୱଚ୍ଛତାର ଦୀପ ଜ୍ୱାଳି
ଆଜି ଶୁଭ ଦୀପାବଳି ॥

ଭୁବନାନନ୍ଦ ପାଣିଗ୍ରାହୀ
ଗେଡ଼ିଆପଲ୍ଲୀ, ଖୋର୍ଦ୍ଧା
ମୋ: ୯୯୩୭୭୨୪୩୧୨



ବ୍ରାଇଡାଲ ଶାଢି

ବାହାଘର ଆସିଲେ ପ୍ରଥମେ ମୁଣ୍ଡକୁ ଆସିଥାଏ ବ୍ରାଇଡାଲ ଗେଟଅପ କେମିତି ହେବ । ତେବେ କିଛି ଝିଅ ଲେହେଙ୍ଗା ପସନ୍ଦ କରୁଥିବାବେଳେ କିଛି ଜଣଙ୍କର ପସନ୍ଦ ଥାଏ ଶାଢି । ତେବେ ଆସନ୍ତୁ ଜାଣିବା କିଛି ବ୍ରାଇଡାଲ ଶାଢି ସମ୍ପର୍କରେ ଯାହାକୁ ଆପଣ ନିଜର ସଫି ତାଲିକାରେ ସାମିଲ କରିପାରିବେ ।



କାଞ୍ଜିବରମ୍ ସିଲ୍କ

ଯଦି ଆପଣ ସାଉଥ ଇଣ୍ଡିଆନ ଗେଟଅପ କରିବାକୁ ଚାହୁଁଛନ୍ତି ତେବେ ଆପଣଙ୍କ ପାଇଁ କାଞ୍ଜିବରମ୍ ସିଲ୍କ ଏକ ଭଲ ଚଏସ ହେବ । ଏହି ଶାଢ଼ିଗୁଡ଼ିକର ରଙ୍ଗ ଓ ପାର୍ଟନ ଖୁବ ଉଜ୍ଜମାନର ହୋଇଥାଏ । ଏହି ଶାଢି ଗାଢ଼ ମଲବେରୀ ସିଲ୍କରୁ ତିଆରି ହୋଇଥାଏ, ଯାହା ଏହାକୁ ଏକ ସ୍ୱତନ୍ତ୍ର ଚମକ ପ୍ରଦାନ କରେ। ଏହାର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ଭାରତୀୟ କଳାକୃତିର ସୂକ୍ଷ୍ମ କାମ। ଏହି ସାଢ଼ି ଆପଣଙ୍କୁ ଏକ ରୟାଲ ଲୁକ ପ୍ରଦାନ କରିବ।

ବନାରସୀ

ଯଦି ଆପଣଙ୍କୁ ଉତ୍ତର ଭାରତୀୟ ବିବାହ ଲୁକ ନେବାର ଅଛି ତେବେ ବନାରସୀ ପାଟ ଆପଣଙ୍କୁ ପସନ୍ଦ ଆସିବ । ଏଗୁଡ଼ିକ ମୁଖ୍ୟତଃ ଗାଢ଼ ଲାଲ୍, କ୍ରିମସନ୍ କାତାନ୍ ସିଲ୍କରେ ପ୍ରସ୍ତୁତ କରାଯାଏ। ଏହା ଦେଖିବାକୁ ଖୁବ ଆକର୍ଷଣୀୟ ହୋଇଥାଏ । ଏଥିରେ ହୋଇଥିବା ଜରି କାମ ଏହାର ଶୋଭା ଆହୁରି ବଢାଇଥାଏ। ଏହା ଆପଣଙ୍କୁ ଏକ ରୟାଲ ବ୍ରାଇଡାଲ ଲୁକ ପ୍ରଦାନ କରିବ ।

ଜରଦୋଜି ଓ ଆରି ଏମ୍ବ୍ରୋଇଡରୀ ସିଲ୍କ

ଯେଉଁମାନଙ୍କର ଭାରୀ କାମ ପସନ୍ଦ ସେମାନଙ୍କ ପାଇଁ ଏହି ଶାଢ଼ି ଖୁବ ଭଲ ଅପସନ୍ । ଗାଢ଼ ଲାଲ୍ କିମ୍ବା ଅତ୍ୟନ୍ତ କୋମଳ ସିଲ୍କ ଉପରେ ହାତରେ ପ୍ରସ୍ତୁତ ଜରଦୋଜି ପୁତି, କଟ୍-ଦାନା ଏବଂ ସିକ୍ୱିନ୍ କାମ ଏହାକୁ ଆକର୍ଷଣୀୟ କରିଥାଏ । ବର୍ତ୍ତମାନ ଏହାର ଡିମାଣ୍ଡ ଖୁବ ଅଧିକ ଦେଖିବାକୁ ମିଳୁଛି ।

ଅର୍ଗେଞ୍ଜା

ଆଜିକାଲିର ଆଧୁନିକ ବିବାହ ଶୈଳୀରେ ଏହି ହାଲୁକା ଏବଂ ଶିଅର୍ କପଡ଼ା ପ୍ରବଳ ଆଦୃତ ହେଉଛି। ମୁଖ୍ୟତଃ ଦିନବେଳା ହେଉଥିବା ବିବାହ, ସଙ୍ଗୀତ କିମ୍ବା ରିସେପ୍ସନ୍ ପାର୍ଟି ପାଇଁ ଏଗୁଡ଼ିକ ଅତି ଉପଯୁକ୍ତ। ହାଲୁକା ପାଷ୍ଟେଲ୍ କିମ୍ବା ନ୍ୟୁଟ୍ରାଲ୍ ରଙ୍ଗର ଏହି ଶାଢ଼ିଗୁଡ଼ିକ ଉପରେ ଅତି ସୂକ୍ଷ୍ମ ସୂତା କାମ କିମ୍ବା କ୍ରିଷ୍ଟାଲ୍ ସଜାଯାଇଥାଏ । ଯାହା ଆପଣଙ୍କୁ ଏକ ସୁନ୍ଦର ଲୁକ ପ୍ରଦାନ କରିବ । ଏହାକୁ ଆପଣ ଚାହିଁ ଲେ ରିସେପସନ୍ ପାଇଁ ବାଛି ପାରିବେ ।





ବାୟୁରୁ ପାନୀୟ ଜଳ


ମହାରାଷ୍ଟ୍ରର ୱାଶିମ୍ ଜିଲ୍ଲା ଅନ୍ତର୍ଗତ ୱାଡଜୀ ଗ୍ରାମର ପରିବାରଗୁଡ଼ିକରେ ବର୍ଷ ବର୍ଷ ଧରି ରହିଥିଲା ଜଳ ଅଭାବ । ଗ୍ରାମବାସୀଙ୍କୁ ପିଇବା ପାଣି ଟୋପାଏ ପାଇଁ ୧.୫ କିଲୋମିଟର ପର୍ଯ୍ୟନ୍ତ ଯିବାକୁ ପଡୁଥିଲା। ବିଶେଷକରି ଗ୍ରୀଷ୍ମଋତୁରେ ଜଳଉତ୍ସସବୁ ଶୁଖିଯାଉଥିବାରୁ ଏହି ସଂଗ୍ରାମ ଆହୁରି କଷ୍ଟକର ହୋଇପଡୁଥିଲା । ତେବେ, ଯଦି ଏହି ଜଳ ସମସ୍ୟାର ସମାଧାନ ସେମାନଙ୍କ ଚାରିପାଖରେ ଥିବା ବାୟୁମଣ୍ଡଳରେ ହିଁ ସେମାନଙ୍କୁ ମିଳିଛି । ଏହି ଚିନ୍ତାଧାରାକୁ ନେଇ ବିକଶିତ ହୋଇଛି 'ମେଘଦୂତ' । ଏହା ଏକ ଅତ୍ୟାଧୁନିକ ଜ୍ଞାନକୌଶଳ, ଯାହା ବାୟୁମଣ୍ଡଳରୁ ଆର୍ଦ୍ରତାକୁ ପରିବର୍ତ୍ତିତ କରି ପିଇବା ପାଣିରେ ପରିଣତ କରିଥାଏ । ୱାଡଜୀ ଗ୍ରାମରେ ସ୍ଥାପିତ ଏହି ସିଷ୍ଟମ୍ ଦୈନିକ ୫୦୦ ଲିଟର ପର୍ଯ୍ୟନ୍ତ ବିଶୁଦ୍ଧ ଜଳ ଉତ୍ପାଦନ କରିପାରୁଛି । ଫଳରେ ନଳକୂପ କିମ୍ବା ଭୂତଳ ଜଳ ଉପରେ ସମ୍ପୂର୍ଣ୍ଣ ନିର୍ଭର ନକରି ଗ୍ରାମବାସୀଙ୍କୁ ଏକ ନୂତନ ଜଳଉତ୍ସ ମିଳିପାରିଛି ।

ଚାଲିବାକୁ ପଡୁଥିଲା ଅନେକ ବାଟ

ପ୍ରାୟ ୨,୦୦୦ ଜନସଂଖ୍ୟା ବିଶିଷ୍ଟ ୱାଡଜୀ ଗ୍ରାମ ଗମ୍ଭୀର ଜଳସଙ୍କଟର ସାମ୍ନା କରୁଥିଲା । ଏହି ସମସ୍ୟା କେବଳ ଗୋଟିଏ ଗାଁରେ ସୀମିତ ନୁହେଁ ଏହା ଆଖପାଖ ଅଞ୍ଚଳରେ ମଧ୍ୟ ଦେଖିବାକୁ ମିଳୁଥିଲା । ବିଶେଷକରି ଗ୍ରୀଷ୍ମଋତୁରେ ତାପମାତ୍ରା ବୃଦ୍ଧି ପାଇବା ସହ ସୁରକ୍ଷିତ ପିଇବା ପାଣି ପାଇବା ଅତ୍ୟନ୍ତ କଷ୍ଟକର ହୋଇପଡୁଥିବାରୁ ଗ୍ରାମବାସୀଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ ହୋଇଯାଏ । ପାଣି ଟିକେ ପାଇଁ ସେମାନଙ୍କ ଅନେକ ରାସ୍ତାରେ ପାଦରେ ଚାଲି ଚାଲି ଯିବାକୁ ପଡିଥାଏ । ତେବେ 'ମେଘଦୂତ' ନାମକ ଏହି ସିଷ୍ଟମ୍ 'ଆଟମୋସଫେରିକ୍ ୱାଟର ଜେନେରେସନ୍' ଟେକ୍ନୋଲୋଜି ମାଧ୍ୟମରେ ବାୟୁରୁ ଆର୍ଦ୍ରତାରୁ ଜଳ ପ୍ରସ୍ତୁତ କରିଥାଏ । ଏହି ପ୍ରକ୍ରିୟାରେ ପ୍ରଥମେ ଫ୍ୟାନ୍ ସାହାଯ୍ୟରେ ବାୟୁମଣ୍ଡଳର ଆର୍ଦ୍ର ବାୟୁକୁ ମେସିନ୍ ଭିତରକୁ ନିଆଯାଏ । ବିଶେଷ ଫିଲ୍ଟର୍ ଗୁଡ଼ିକ ଧୂଳି ଏବଂ ପରାଗ ରେଣୁ ଭଳି କଣିକାକୁ ବାହାର କରିଦିଅନ୍ତି । ଏହାପରେ ଏକ ରେଫ୍ରିଜିରେସନ୍ - ଭିତ୍ତିକ ବ୍ୟବସ୍ଥା ବାୟୁକୁ ତାର 'ଶିଶିରାଙ୍କ' ବା ଡିୟୁ ପଏଣ୍ଟ ପର୍ଯ୍ୟନ୍ତ ଥଣ୍ଡା କରିଥାଏ । ବାୟୁ ଥଣ୍ଡା ହେବା ମାତ୍ରେ, ଜଳୀୟବାଷ୍ପ ଜଳବିନ୍ଦୁରେ ପରିଣତ ହୁଏ । ଯେପରି ଏକ ଥଣ୍ଡା କାଚ ଗ୍ଲାସ୍ ବାହାରେ ପାଣି ଜମିଯାଏ । ହାଇଦ୍ରାବାଦସ୍ଥିତ ସିଏସଆଇଆର ଆଇଆଇସିଟିର ବୈଜ୍ଞାନିକମାନଙ୍କ ଦ୍ୱାରା ମୈତ୍ରୀ ଆକ୍ୱାଟେକର ସହଯୋଗରେ ବିକଶିତ ଏହି 'ମେଘଦୂତ' ପିଇବା ପାଣିର ଏକ ବିକଳ୍ପ ସାଧନ ସାଜିଛି । ଏହାପରେ ସଂଗୃହିତ ଜଳକୁ ଅଧିକ ବିଶୋଧନ କରାଯାଏ । ଆକ୍ଟିଭେଟେଡ୍ କାର୍ବନ୍ ଫିଲ୍ଟରେସନ୍, ଅଲ୍ଟ୍ରାଭାୟୋଲେଟ୍ ବିଶୋଧନ ଏବଂ ଅନ୍ୟାନ୍ୟ ପ୍ରକ୍ରିୟା ଦ୍ୱାରା ଏହାକୁ ପିଇବା ଉପଯୋଗୀ କରାଯାଏ। ଶେଷରେ ଏହି ବିଶୁଦ୍ଧ ଜଳକୁ ସଂରକ୍ଷିତ କରି ଲୋକଙ୍କ ବ୍ୟବହାର ପାଇଁ ଯୋଗାଇ ଦିଆଯାଏ । ଏହି ୟୁନିଟ୍‌ର ଦୈନିକ ଉତ୍ପାଦନ କ୍ଷମତା ପ୍ରାୟ ୫୦୦ ଲିଟର। ତେବେ ବାସ୍ତବ ଉତ୍ପାଦନ ବାୟୁମଣ୍ଡଳର ଆର୍ଦ୍ରତା, ତାପମାତ୍ରା ଏବଂ ମେସିନ୍‌ର ପରିଚାଳନା ଉପରେ ନିର୍ଭର କରେ । ଭୂତଳ ଜଳ କିମ୍ବା ପାରମ୍ପରିକ ଜଳଉତ୍ସ ଉପରେ ନିର୍ଭର ନକରି ଏହି ପ୍ରଯୁକ୍ତିବିଦ୍ୟା ବାୟୁମଣ୍ଡଳରୁ ଜଳ ସଂଗ୍ରହ କରୁଥିବାରୁ, ଜଳସଙ୍କଟ ଥିବା ଅଞ୍ଚଳରେ ଏହା ଏକ ଅତିରିକ୍ତ ଏବଂ ଭରସାଯୋଗ୍ୟ ଉତ୍ସ ଭାବେ କାର୍ଯ୍ୟ କରୁଛି । ଯଦିଓ ଏହି ଟେକ୍ନୋଲୋଜି ଭୂତଳ ଜଳ ସଂରକ୍ଷଣ କିମ୍ବା ବର୍ଷା ଜଳରୁ ସଂରକ୍ଷିତ କରି ଏଥିରୁ ପାନୀୟ ଜଳ ଉତ୍ପାଦନ ଭଳି ଦୀର୍ଘକାଳୀନ ସମାଧାନର ସମ୍ପୂର୍ଣ୍ଣ ବିକଳ୍ପ ହୋଇପାରିବ ନାହିଁ । ତଥାପି ଏହା ଜଳସଙ୍କଟ ଦୂର କରିବାର ଏକ ନୂତନ ରାସ୍ତା ଦେଖାଇଛି । ସଠିକ୍ ରକ୍ଷଣାବେକ୍ଷଣ ଏବଂ ଆଞ୍ଚଳିକ ପରିସ୍ଥିତି ସହ ଖାପଖୁଆଇ ବ୍ୟବହୃତ ହେଲେ, ଏହିଭଳି ଅଭିନବ ଉଦ୍ଭାବନ ଅନେକ ଗ୍ରାମକୁ ଜଳସଙ୍କଟରୁ ମୁକ୍ତି ଦେବାରେ ସହାୟକ ହୋଇପାରିବବୋଲି ମତ ପ୍ରକାଶ ପାଇଛି ।

ଏଭଳି ଅନେକ ସ୍ଥାନ ଅଛି ଯେଉଁଠାରେ ଟୋପାଏ ପିଇବା ପାଣି ଆଣିବାକୁ ପ୍ରତ୍ୟେକ ଥର ଲୋକଙ୍କୁ ଏକ କିଲୋମିଟରରୁ ଅଧିକ ବାଟ ଚାଲିବାକୁ ପଡୁଛି । ଖରାଦିନର ପ୍ରଖର ଗ୍ରୀଷ୍ମପ୍ରବାହ ମଧ୍ୟରେ ଏହି ପାଣି ସଂଗ୍ରହ କ୍ଲାନ୍ତିକର ଯାତ୍ରା ପାଲଟିଯାଏ। ତେବେ ଏହାର ଏକ ସରଳ ସମାଧାନ କାଢିଛନ୍ତି ମହାରାଷ୍ଟ୍ରର ଏକ ଗ୍ରାମବାସୀ । ବାୟୁରୁ ପ୍ରସ୍ତୁତ ହେଉଛି ପାନୀୟ ଜଳ ।






ବୁଦ୍ଧି ହିଁ ଶକ୍ତି

ଆଇମା କାହାଣୀରେ ଅନେକ ନୀତିଶିକ୍ଷା କାହାଣୀ ରହିଥାଏ, ଯାହା ଆମକୁ ଜୀବନରେ ଆସୁଥିବା ସମସ୍ତ ଜଟିଳ ପରିସ୍ଥିତିକୁ କିଭଳି ମୁକାବିଲା କରିବ ସେନେଇ ସତର୍କ କରାଇଥାଏ । ସେହିଭଳି ଏକ କାହାଣୀ ହେଲା ବୁଦ୍ଧି ହିଁ ଶକ୍ତି ।

ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟ ଏବଂ ସବୁଜିମା ଘେରା ପାହାଡ଼ମାଳାମଧ୍ୟରେଅବସ୍ଥିତଏକବିଶାଳଅରଣ୍ୟ । ଏହି ଜଙ୍ଗଲର ପ୍ରତ୍ୟେକଟି କୋଣ ଅନୁକୋଣରେ ପ୍ରକୃତିର ଅଜସ୍ର ସମ୍ଭାର ଭରି ରହିଥିଲା ଏହି ଶାନ୍ତ ଓ ମନୋରମ ପରିବେଶରେ ବିଭିନ୍ନ ପ୍ରକାରର ପଶୁପକ୍ଷୀ ମିଳିମିଶି ବସବାସ କରୁଥିଲେ । ସେମାନଙ୍କ ଭିତରେ ଥିଲା ଏକ ସରଳ, ପରିଶ୍ରମୀ ଛେଳି । ଏହି ଛେଳିଟି ପ୍ରତିଦିନ ଜଙ୍ଗଲର ବିଭିନ୍ନ ସ୍ଥାନକୁ ଭ୍ରମଣ କରିବାକୁ ବାହାରି ପଡୁଥିଲା । ଜଙ୍ଗଲର ବିସ୍ତୃତ ଉପତ୍ୟକା ଓ ପାହାଡ଼ ପାଦଦେଶରେ ଗଜା ହୋଇଥିବା କଅଁଳ, ସବୁଜ ଘାସ ସନ୍ଧାନ କରି ସେଗୁଡ଼ିକୁ ଖାଇବା ଥିଲା ତା'ର ଦିନକର ମୁଖ୍ୟ କାମ । ସେ କାହାରିକୁ କୌଣସି କ୍ଷତି ପହଞ୍ଚାଉ ନଥିଲା ଏବଂ ନିଜର ଏହି ଛୋଟ ସଂସାର ଭିତରେ ବେଶ୍ ଆନନ୍ଦରେ ଦିନ କାଟୁଥିଲା । ସେହି ବିଶାଳ ଜଙ୍ଗଲର ଅପରପାର୍ଶ୍ୱରେ ଏକ ବିପଜ୍ଜନକ ଓ ଅଧିକ ଅନ୍ଧକାରମୟ ଘଞ୍ଚ ଜଙ୍ଗଲ ରହିଥିଲା, ଯାହାକି ଏକ ଭୟଙ୍କର ଏବଂ ଗର୍ବୀ ବାଘର ଆବାସସ୍ଥଳୀ ଥିଲା । ବାଘଟି ସବୁବେଳେ ନିଜର ଶାରୀରିକ ବଳ ଏବଂ ଆକ୍ରମଣାତ୍ମକ ସ୍ୱଭାବକୁ ନେଇ ଅହଙ୍କାର କରୁଥିଲା । ତେଣୁ ସେ କୌଣସି କାରଣ ନଥାଇ ମଧ୍ୟ ଅନ୍ୟ ପ୍ରାଣୀମାନଙ୍କୁ ଭୟଭୀତ କରାଉଥିଲା ଏପରି ଏକ ପରିସ୍ଥିତିରେ ଦିନକର ଘଟଣା । ସେଦିନ ଦିନର ସୂର୍ଯ୍ୟ ଅତ୍ୟନ୍ତ ପ୍ରଖର ଥିଲେ ଏବଂ ଗ୍ରୀଷ୍ମଋତୁର ତାତି ସବୁଆଡ଼େ ଅନୁଭୂତ ହେଉଥିଲା । ଛେଳିଟି ସେଦିନ ସାଧାରଣ ଦିନ ଅପେକ୍ଷା କିଛି ଅଧିକ ଦୂରକୁ ଚାଲିଯାଇଥିଲା । ଉତ୍ତମ ଖାଦ୍ୟ ଓ ସତେଜ ଘାସର ସନ୍ଧାନରେ ସେ ଜଙ୍ଗଲର ଏକ ଏପରି ଅଞ୍ଚଳରେ ପହଞ୍ଚିଗ ଲା, ଯାହା ସମ୍ପୂର୍ଣ୍ଣ ନିଛାଟିଆ ଏବଂ ଶାନ୍ତ ଥିଲା । ସେଠାରେ ବଡ଼ ବଡ଼ ପଥର ଏବଂ ଘଞ୍ଚ ଝାଉଁ ବଣ ରହିଥିଲା । ଠିକ୍ ସେହି ସମୟରେ, ସେହି ବାଘଟି ମଧ୍ୟ ଶିକାର ଖୋଜୁଖୋଜୁ ସେହି ସ୍ଥାନକୁ ଆସି ପହଞ୍ଚିଥିଲା । ଛେଳିକୁ ଦେଖି ସେ ମନେ ମନେ ଭାବିଲା ଯେ ଆଜି ବିନା କୌଣସି ପରିଶ୍ରମରେ ଏକ ସୁନ୍ଦର ଓ ସୁସ୍ୱାଦୁ ଶିକାର ତା'ର ହାତରେ ଲାଗିଯାଇଛି । ବାଘଟି ନିଜର ଲମ୍ବା ନଖଗୁଡ଼ିକୁ ମାଟିରେ ଘସି ଏକ କର୍କଶ ସ୍ୱରରେ ଗର୍ଜନ କରି କହିଲା, "ଆରେ ମୂର୍ଖ ଛେଳି! ଆଜି ତୋର ଆୟୁଷ ସରିଯାଇଛି ।

ମାତ୍ର ଏହି ଭୟଙ୍କର ଓ ପ୍ରାଣାନ୍ତକ ପରିସ୍ଥିତିରେ ମଧ୍ୟ ଚତୁର ଛେଳିଟି ଆଦୌ ହତାଶ ହେଲା ନାହିଁ । ସେ ଜାଣିଥିଲା ଯେ ଏହି ବିଶାଳକାୟ ଓ କ୍ରୁର ବାଘ ସହିତ ସିଧାସଳଖ ଶାରୀରିକ ବଳରେ ଲଢ଼ିବା କିମ୍ବା ତା' ଆଗରୁ ଦୌଡ଼ି ପଳାଇବା ଅସମ୍ଭବ, କାରଣ ବାଘର ଗତି ତା' ଅପେକ୍ଷା ବହୁତ ଅଧିକ ଥିଲା । ସେ ମନେ ମନେ ଭାବିଲା ଯେ ଯେତେବେଳେ ଶାରୀରିକ ଶକ୍ତି କାମ କରେ ନାହିଁ, ସେତେବେଳେ ବୁଦ୍ଧି ଓ ମାନସିକ ସ୍ଥିରତା ହିଁ ଏକମାତ୍ର ଅସ୍ତ୍ର ଭାବରେ କାମ କରିଥାଏ । ଛେଳିଟି କୌଣସି ପ୍ରକାରର କାତରତା ନ ଦେଖାଇ, ବରଂ ଅତ୍ୟନ୍ତ ଆତ୍ମବିଶ୍ୱାସର ସହିତ ସିଧା ହୋଇ ଠିଆ ହେଲା । ସେ ବାଘର ଆଖିରେ ଆଖି ମିଶାଇ ଏକ ଅତ୍ୟନ୍ତ ଶାନ୍ତ, ଗମ୍ଭୀର ଓ ପ୍ରଭାବଶାଳୀ ସ୍ୱରରେ କହିଲା ମୋତେ ମାରିବା ପୂର୍ବରୁ ଦୟାକରି ମୋର ଏହି ଗୋଟିଏ କଥା ଶୁଣିନିଅନ୍ତୁ । ଆଜି ସକାଳେ ଯେତେବେଳେ ମୁଁ ସୂର୍ଯ୍ୟୋଦୟ ସମୟରେ ପାହାଡ଼ର ସବୁଠାରୁ ଉଚ୍ଚତମ ଶିଖରକୁ ଯାଇଥିଲି, ସେଠାରେ ମୋତେ ଏକ ଦୁର୍ଲଭ ଓ ଅଲୌକିକ ଜଡ଼ିବୁଟି ମିଳିଥିଲା । ସେହି ଜଡ଼ିବୁଟିର ମହତ୍ତ୍ୱ ଏତେ ଅଧିକ ଯେ ତାହାକୁ ସେବନ କଲେ ଶରୀର ଅତି ବିଷାକ୍ତ ହୋଇଯାଏ । ବର୍ତ୍ତମାନ ମୋର ସମଗ୍ର ଶରୀର ସେହି ପ୍ରାଣଘାତୀ ବିଷରେ ପରିପୂର୍ଣ୍ଣ ଅଛି । ଯଦି ଆପଣ ବର୍ତ୍ତମାନ ମୋତେ ମାରି ଖାଇବେ, ତେବେ ମୋ ଦେହର ବିଷ ଆପଣଙ୍କ ରକ୍ତରେ ପ୍ରବେଶ କରିବ ଏବଂ ଆଜି ସୂର୍ଯ୍ୟାସ୍ତ ହେବା ପୂର୍ବରୁ ଆପଣଙ୍କର ମଧ୍ୟ ମୃତ୍ୟୁ ଘଟିବ । ମୁଁ ଜାଣେ ଆପଣ ଏହି ଜଙ୍ଗଲର ରାଜା, କିନ୍ତୁ ଆପଣଙ୍କର ଏହି ସୁନ୍ଦର ଜୀବନ ଏଭଳି ଏକ ବିଷାକ୍ତ ଶିକାର ପାଇଁ ନଷ୍ଟ ହୋଇଯାଉ, ତାହା ମୁଁ ଚାହେଁ ନାହିଁ ।

ବାଘଟି ଏପରି ଏକ ଅଜବ, ଅକଳ୍ପନୀୟ ଓ ଗମ୍ଭୀର କଥା କେବେହେଁ ଶୁଣିନଥିଲା । ସେକିଛି ମିନିଟ୍ ପାଇଁ ଚୁପ ହୋଇଗଲା । ବାଘଟି ମନେ ମନେ ବିଚାର କଲା ଯେ, ଯଦି ଏହି ଛୋଟ ଛେଳି କଥା ସତ ହୋଇଥାଏ, ତେବେ ତା'ର ଜୀବନ ବିପଦରେ ପଡ଼ିଯିବ । ଛେଳିଟି ସୁଯୋଗ ବୁଝି ଆହୁରି ଆତ୍ମବିଶ୍ୱାସର ସହିତ କହିଲା, "ଯଦି ଆପଣଙ୍କର ମୋ କଥା ଉପରେ ସନ୍ଦେହ ଅଛି, ତେବେ ଆସନ୍ତୁ, ସାମ୍ନାରେ ଥିବା ଏହି ସ୍ୱଚ୍ଛ ଜଳର ପୋଖରୀ ପାଖକୁ ଯିବା । ସେଠାରେ ଜଳରେ ମୋର ପ୍ରତିଫଳନ ଦେଖନ୍ତୁ । ମୋ ଦେହରୁ ଯେଉଁ ଅଲୌକିକ ରଙ୍ଗୀନ ଆଲୋକ ବାହାରୁଛି, ତାହାହିଁ ସେହି ବିଷର ପ୍ରମାଣ ।" ଏହି ସମୟରେ ବାଘଟି ଭାବନାରେ ବୁଡିଗଲା ଏବଂ ଏହାର ଫାଇଦା ନେଇ ଛେଳିଟି ଡିଆଁ ମାରି ଚାଲିଗଲା । ତେଣୁ ଛେଳିର ବୁଦ୍ଧି ହିଁ ତାର ଜୀବନ ବଞ୍ଚାଇଲା ।



ଭରତନାଟ୍ୟମ୍‌ରୁ ଅଲିମ୍ପିକ୍ସ

ନେତ୍ରା କୁମାନନ୍‌ ଭାରତର ପ୍ରଥମ ମହିଳା ନୌଚାଳିକା

କ୍ରୀଡ଼ା ଜଗତରେ ସଫଳତା ପାଇଁ କେବଳ ପ୍ରତିଭା ଯଥେଷ୍ଟ ନୁହେଁ। ଏଥିପାଇଁ ଆବଶ୍ୟକ ଦୃଢ଼ ଇଚ୍ଛାଶକ୍ତି, ନିରନ୍ତର ଅଭ୍ୟାସ, ଶୃଙ୍ଖଳା ଏବଂ ବିଫଳତାକୁ ସାମ୍ନା କରିବାର ସାହସ। ଏହି ସବୁ ଗୁଣର ଏକ ଉତ୍କୃଷ୍ଟ ଉଦାହରଣ ହେଉଛନ୍ତି ଭାରତୀୟ ନୌଚାଳିକା ନେତ୍ରା କୁମାନନ୍‌। ଯେଉଁ କ୍ରୀଡ଼ାକୁ ଭାରତରେ ଅନେକ ଲୋକ ଭଲ ଭାବେ ଜାଣିନାହାନ୍ତି, ସେହି ନୌଚାଳନାରେ ନେତ୍ରା ନିଜର ପ୍ରତିଭା ଓ ପରିଶ୍ରମ ବଳରେ ଦେଶ ପାଇଁ ଇତିହାସ ରଚିଛନ୍ତି। ସେ ହେଉଛନ୍ତି ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତର ପ୍ରଥମ ମହିଳା ନୌଚାଳିକା।

-ଶକ୍ତିପ୍ରକାଶ ନନ୍ଦ

୨୦୯୭ ଅଗଷ୍ଟ ୨୧ରେ ତାମିଲନାଡୁର ଚେନ୍ନାଇରେ ନେତ୍ରାଙ୍କ ଜନ୍ମ। ପିଲାଦିନରୁ ସେ ଥିଲେ ଚଞ୍ଚଳ ଓ ଖେଳକୁଦ ପ୍ରତି ଆଗ୍ରହୀ। ତାଙ୍କର ଆଗ୍ରହ କେବଳ ଗୋଟିଏ କ୍ରୀଡ଼ାରେ ସୀମିତ ନଥିଲା। ବାସ୍କେଟବଲ୍‌, ଟେନିସ୍‌ ଓ ସାଇକେଲ ଚାଳନା ଭଳି ବିଭିନ୍ନ କାର୍ଯ୍ୟକଳାପରେ ସେ ନିଜକୁ ସାମିଲ କରିଥିଲେ। ଏହା ସହିତ ଭାରତୀୟ ଶାସ୍ତ୍ରୀୟ ନୃତ୍ୟ ଭରତନାଟ୍ୟମ୍‌ ଶିଖୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ସବୁ ଆଗ୍ରହ ମଧ୍ୟରୁ ନୌଚାଳନା ତାଙ୍କ ଜୀବନର ମୁଖ୍ୟ ଲକ୍ଷ୍ୟ ପାଲଟିଗଲା।

୧୨ ବର୍ଷରୁ ନୌଚାଳନା ଯାତ୍ରା

୨୦୦୯ ମସିହାରେ ତାମିଲନାଡୁ ନୌଚାଳନା ସଂଘ ପକ୍ଷରୁ ଆୟୋଜିତ ଏକ ଗ୍ରୀଷ୍ମକାଳୀନ ଶିବିର ନେତ୍ରାଙ୍କ ଜୀବନରେ ନୂଆ ମୋଡ଼ ଆଣିଥିଲା। ସେତେବେଳେ ତାଙ୍କୁ ମାତ୍ର ୧୨ ବର୍ଷ ହୋଇଥିଲା। ଏହି ଶିବିରରେ ପ୍ରଥମ ଥର ପାଇଁ ସେ ନୌଚାଳନା ସହ ପରିଚିତ ହୋଇଥିଲେ। ପାଣି ଉପରେ ପବନର ଗତି ଅନୁସାରେ ଡଙ୍ଗା ଚଳାଇବା, ଦିଗ ନିର୍ଣ୍ଣୟ କରିବା ଓ ପରିସ୍ଥିତି ଅନୁସାରେ ତୁରନ୍ତ ନିଷ୍ପତ୍ତି ନେବା ତାଙ୍କୁ ଆକର୍ଷିତ କରିଥିଲା। ଆରମ୍ଭରେ ଏହା ତାଙ୍କ ପାଇଁ ଅନ୍ୟ ଏକ ନୂଆ ଅନୁଭୂତି ଥିଲା। କିନ୍ତୁ ଧୀରେ ଧୀରେ ନୌଚାଳନା ପ୍ରତି ତାଙ୍କର ଭଲପାଇବା ବଢ଼ିବାକୁ ଲାଗିଲା। ଏହି କ୍ରୀଡ଼ାରେ ନିଜର ଭବିଷ୍ୟତ ଗଢ଼ିବାକୁ ସେ ନିଷ୍ପତ୍ତି ନେଲେ। ତାଙ୍କ ପାଇଁ ଏହା କେବଳ ଏକ ଖେଳ ନଥିଲା, ବରଂ ନିଜକୁ ପ୍ରମାଣିତ କରିବାର ଏକ ନୂଆ ମଞ୍ଚ ଥିଲା।

ଭରତନାଟ୍ୟମ୍‌ ଶିଖାଇଥିଲା ଶୃଙ୍ଖଳା

ନେତ୍ରାଙ୍କ ଜୀବନର ଏକ ଆକର୍ଷଣୀୟ ଦିଗ ହେଉଛି ତାଙ୍କର ଭରତନାଟ୍ୟମ୍‌ ପ୍ରତି ଆଗ୍ରହ। ନୌଚାଳନାରେ ନିଜର କ୍ୟାରିୟର ଗଢ଼ିବା ପାଇଁ ତାଙ୍କୁ ଶେଷରେ ନୃତ୍ୟ ଛାଡ଼ିବାକୁ ପଡ଼ିଥିଲା। ତେବେ ନୃତ୍ୟ ଶିକ୍ଷାରୁ ମିଳିଥିବା ଅନୁଭୂତି ତାଙ୍କୁ ଆଜି ମଧ୍ୟ ସହାୟତା କରୁଛି। ଭରତନାଟ୍ୟମ୍‌ ତାଙ୍କୁ ନିୟମିତ ଅଭ୍ୟାସ, ଧୈର୍ଯ୍ୟ, ଏକାଗ୍ରତା, ଶୃଙ୍ଖଳା ଓ ସମର୍ପଣର ମହତ୍ତ୍ୱ ବୁଝାଇଥିଲା। ନୃତ୍ୟରେ ଯେପରି ପ୍ରତ୍ୟେକ ପଦକ୍ଷେପରେ ନିୟନ୍ତ୍ରଣ ଓ ସମନ୍ୱୟ ଆବଶ୍ୟକ, ସେହିପରି ନୌଚାଳନାରେ ମଧ୍ୟ ପ୍ରତ୍ୟେକ



ନିଷ୍ପତ୍ତିର ଗୁରୁତ୍ୱ ରହିଛି। ନେତ୍ରାଙ୍କ ମତରେ, ନୌଚାଳନା ଅନ୍ୟ କ୍ରୀଡ଼ାଠାରୁ ଭିନ୍ନ। ଏଥିରେ ଶାରୀରିକ କ୍ଷମତା ସହିତ ମାନସିକ ଦୃଢ଼ତାର ମଧ୍ୟ ବଡ଼ ଭୂମିକା ରହିଛି। ସେ ଏହି କ୍ରୀଡ଼ାକୁ ଖୁବ୍ ଭଲ ପାଆନ୍ତି ଏବଂ ପିଲାଦିନେ ଅନେକ ଖେଳ ଖେଳିଥିଲେ ମଧ୍ୟ ନୌଚାଳନା ତାଙ୍କୁ ସବୁଠାରୁ ଅଧିକ ଆକର୍ଷିତ କରିଥିଲା।

ଜାତୀୟରୁ ଅନ୍ତର୍ଜାତୀୟ ମଞ୍ଚ

ନୌଚାଳନାରେ ନିଜର ଦକ୍ଷତା ବୃଦ୍ଧି କରିବା ସହ ନେତ୍ରା ଜାତୀୟସ୍ତରରେ ଅନେକ ପ୍ରତିଯୋଗିତାରେ ଭାଗ ନେବା ଆରମ୍ଭ କରିଥିଲେ। ତାଙ୍କର ପ୍ରତିଭା ଦେଖି ତାଙ୍କୁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିବାର ସୁଯୋଗ ମିଳିଥିଲା। ୨୦୧୩ରେ ଓମାନର ମୁସାନାଠାରେ ଆୟୋଜିତ ଏକ ୨୧ ବର୍ଷରୁ କମ୍ ନୌଚାଳନା ପ୍ରତିଯୋଗିତାରୁ ତାଙ୍କର ଅନ୍ତର୍ଜାତୀୟ କ୍ୟାରିୟରର ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଆରମ୍ଭ ହୋଇଥିଲା। ଏହାପରେ ସେ ନିଜର ପ୍ରଦର୍ଶନରେ ନିରନ୍ତର ଉନ୍ନତି ଆଣିଥିଲେ। ୨୦୧୪ ମସିହାରେ ଏସୀୟ କ୍ରୀଡ଼ାରେ ଭାରତ ପକ୍ଷରୁ ଅଂଶଗ୍ରହଣ କରିବା ତାଙ୍କ କ୍ୟାରିୟରର ଆଉ ଏକ ବଡ଼ ଉପଲବ୍ଧି ଥିଲା। ଏହାପରେ ୨୦୧୮ ରେ ଇଣ୍ଡୋନେସିଆର ଜାକର୍ତ୍ତାରେ ଆୟୋଜିତ ଏସୀୟ କ୍ରୀଡ଼ାରେ ମଧ୍ୟ ସେ ଦେଶର ପ୍ରତିନିଧିତ୍ୱ କରିଥିଲେ। ଜାକର୍ତ୍ତାରେ ଚତୁର୍ଥ ସ୍ଥାନ ହାସଲ କରିବା ତାଙ୍କ ପାଇଁ ଏକ ବଡ଼ ଅନୁଭୂତି ଥିଲା। ଯଦିଓ ଏହି ପ୍ରଦର୍ଶନ ତାଙ୍କୁ ପଦକ ଦେଇପାରିନଥିଲା, ତଥାପି ଅନ୍ତର୍ଜାତୀୟ ସ୍ତରରେ ନିଜକୁ ପ୍ରମାଣିତ କରିବାର ଏକ ବଡ଼ ସୁଯୋଗ ଥିଲା। ତେବେ ନେତ୍ରାଙ୍କ ଲକ୍ଷ୍ୟ ଥିଲା ଆହୁରି ବଡ଼। ସେ ଅଲିମ୍ପିକ୍ସରେ ଭାରତ ପାଇଁ ଖେଳିବାକୁ ଚାହୁଁଥିଲେ। ଚତୁର୍ଥସ୍ଥାନରେ ରହିବା ପରେ ମଧ୍ୟ ସେ ନିଜ ଲକ୍ଷ୍ୟରୁ ବିଚ୍ୟୁତ ହୋଇନଥିଲେ।

ବିଶ୍ୱକପ୍‌ରେ ପଦକ ଜିତି ଇତିହାସ

ନେତ୍ରାଙ୍କ ପରିଶ୍ରମର ଫଳ ୨୦୨୦ରେ ମିଳିଥିଲା। ଆମେରିକାର ମିଆମିଠାରେ ଆୟୋଜିତ ସେଲିଂ ବିଶ୍ୱକପ୍‌ରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ। ଏହି ସଫଳତା ତାଙ୍କୁ ଭାରତୀୟ ନୌଚାଳନା ଇତିହାସରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେଲିଂ ବିଶ୍ୱକପ୍‌ରେ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ ମହିଳା ହୋଇଥିଲେ। ଏହି ସଫଳତା ପରେ ଭାରତରେ ନୌଚାଳନା କ୍ରୀଡ଼ାକୁ ନେଇ ଆଲୋଚନା ବଢ଼ିଥିଲା। କ୍ରିକେଟ୍, ଫୁଟବଲ୍ ଓ ହକି ଭଳି କ୍ରୀଡ଼ା ଭାରତରେ ଅଧିକ ଲୋକପ୍ରିୟ ହୋଇଥିବାବେଳେ ନୌଚାଳନା ସମ୍ପର୍କରେ ଅନେକଙ୍କର ଧାରଣା ନଥିଲା। ଏହି ପରିସ୍ଥିତିରେ ନେତ୍ରାଙ୍କ ସଫଳତା ଏହି କ୍ରୀଡ଼ାକୁ ନୂଆ ପରିଚୟ ଦେଇଥିଲା।

ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା

ଐତିହାସିକ ମୁହୂର୍ତ୍ତନେତ୍ରାଙ୍କ କ୍ୟାରିୟରର ସବୁଠାରୁ ବଡ଼ ସଫଳତା ଥିଲା ୨୦୨୧ରେ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ। ଓମାନର ମୁସାନାଠାରେ ଆୟୋଜିତ ମୁସାନା ଓପନ୍ ଚାମ୍ପିୟନସିପ୍‌ରେ ସେ ଅସାଧାରଣ ପ୍ରଦର୍ଶନ କରିଥିଲେ। ଏହି ପ୍ରତିଯୋଗିତାରେ ଲେଜର ରାଡିଆଲ୍ ବର୍ଗର ୧୦ଟି ରେସ୍‌ରେ ଭଲ ପ୍ରଦର୍ଶନ କରି ସେ ଶୀର୍ଷସ୍ଥାନରେ ରହିଥିଲେ। ଶେଷରେ ମୋଟ ପଏଣ୍ଟ ଆଧାରରେ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଏହି ଫଳାଫଳ ତାଙ୍କୁ ଟୋକିଓ ଅଲିମ୍ପିକ୍ସରେ ଖେଳିବାର ସୁଯୋଗ ଦେଇଥିଲା। ଏହା ସହିତ ସେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ଭାରତର ପ୍ରଥମ ମହିଳା ନୌଚାଳିକା ହୋଇଥିଲେ। ଭାରତୀୟ ନୌଚାଳନାରେ ଏହା ଥିଲା ଏକ ଐତିହାସିକ ଉପଲବ୍ଧି।



ପିତା ଭି.ସି. କୁମାନନଙ୍କ ସହ ନେତ୍ରା।

ଏହା ପୂର୍ବରୁ ଭାରତର ୯ ଜଣ ନୌଚାଳକ ଅଲିମ୍ପିକ୍ସରେ ଭାଗ ନେଇଥିଲେ। ସେମାନେ ସମସ୍ତେ ପୁରୁଷ ଥିଲେ। ନେତ୍ରା ଦଶମ ଭାରତୀୟ ନୌଚାଳିକା ଭାବେ ଅଲିମ୍ପିକ୍ସରେ ପହଞ୍ଚିବା ସହ ଦେଶର ମହିଳା କ୍ରୀଡ଼ା ଇତିହାସରେ ନୂଆ ଅଧ୍ୟାୟ ଯୋଡ଼ିଥିଲେ। ଏହି ଯୋଗ୍ୟତା ତାଙ୍କୁ କେବଳ ବ୍ୟକ୍ତିଗତ ସଫଳତା ଦେଇନଥିଲା, ବରଂ ଭାରତର ଅନେକ ଯୁବତୀଙ୍କୁ ଏହି କ୍ରୀଡ଼ାରେ ଆଗକୁ ଆସିବାର ପ୍ରେରଣା ଦେଇଥିଲା। ନେତ୍ରାଙ୍କ ଏହି ଯୋଗ୍ୟତା ଆହୁରି ଉଲ୍ଲେଖନୀୟ ଥିଲା, କାରଣ ସେ କୌଣସି ଅନ୍ୟ ମାର୍ଗରେ ନୁହେଁ, ଯୋଗ୍ୟତା ପ୍ରତିଯୋଗିତାରେ ନିଜ ପ୍ରଦର୍ଶନ ବଳରେ ସିଧାସଳଖ ଅଲିମ୍ପିକ୍ସ ଟିକେଟ୍ ହାସଲ କରିଥିଲେ।



ଯୁବପିଢ଼ିଙ୍କ ପାଇଁ ପ୍ରେରଣା

ନେତ୍ରାଙ୍କ ମତରେ, ନୌଚାଳନା ଏପରି ଏକ କ୍ରୀଡ଼ା ଯେଉଁଥିରେ ସଫଳତା ପାଇଁ ଦୀର୍ଘ ସମୟ ଧରି ପାଣି ଭିତରେ ଅଭ୍ୟାସ କରିବାକୁ ପଡ଼େ। ଏଥିପାଇଁ ଧୈର୍ଯ୍ୟ ଓ ନିଷ୍ଠା ଆବଶ୍ୟକ। ତେବେ ଏହି କ୍ରୀଡ଼ା ଜରିଆରେ ବିଭିନ୍ନ ଦେଶ ଭ୍ରମଣ କରିବା, ଅନ୍ୟ ଦେଶର ଖେଳାଳିଙ୍କୁ ଭେଟିବା ଏବଂ ସେମାନଙ୍କ ପ୍ରଦର୍ଶନରୁ ଶିଖିବାର ଅନେକ ସୁଯୋଗ ମିଳିଥାଏ। ଯୁବପିଢ଼ିଙ୍କୁ ଏହି କ୍ରୀଡ଼ାରେ ଆସିବାକୁ ଉତ୍ସାହିତ କରି ସେ କହିଛନ୍ତି ଯେ, ନୌଚାଳନା ପାଇଁ ଅଧିକ ସମୟ ଓ ପରିଶ୍ରମ ଦରକାର। କିନ୍ତୁ ଏହି ପରିଶ୍ରମର ଫଳ ନିଶ୍ଚିତ ଭାବେ ମିଳିଥାଏ। ବିଶ୍ୱର ବିଭିନ୍ନ ଦେଶର ଖେଳାଳିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବା ଏବଂ ନିଜ ପ୍ରଦର୍ଶନକୁ ଉନ୍ନତ କରିବାର ସୁଯୋଗ ଏହି କ୍ରୀଡ଼ାର ବିଶେଷତ୍ୱ। ନେତ୍ରାଙ୍କ ଯାତ୍ରା କେବଳ ଜଣେ ଖେଳାଳିଙ୍କ ସଫଳତାର କାହାଣୀ ନୁହେଁ। ଏହା ଏକ ଲକ୍ଷ୍ୟ ପାଇଁ ନିଜର ଆଗ୍ରହ, ପସନ୍ଦ ଓ ସମୟକୁ ସମର୍ପିତ କରିବାର ଉଦାହରଣ। ଭରତନାଟ୍ୟମ୍‌ରୁ ଶିଖିଥିବା ଶୃଙ୍ଖଳା, ପିତାଙ୍କ ସହଯୋଗ, ପ୍ରଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ ନିଜର ଅକ୍ଲାନ୍ତ ପରିଶ୍ରମ ତାଙ୍କୁ ଏହି ସ୍ଥାନରେ ପହଞ୍ଚାଇଛି।

ଭାରତରେ ନୌଚାଳନା ଏବେ ମଧ୍ୟ ଅଧିକ ଲୋକପ୍ରିୟ କ୍ରୀଡ଼ା ନୁହେଁ। ଏଭଳି ପରିସ୍ଥିତିରେ ନେତ୍ରାଙ୍କ ସଫଳତା ଏହି କ୍ରୀଡ଼ାରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ତାଙ୍କ ଐତିହାସିକ ଅଲିମ୍ପିକ୍ସ ଯୋଗ୍ୟତା ପ୍ରମାଣ କରିଛି ଯେ, ସୁଯୋଗ ଓ ସମର୍ଥନ ମିଳିଲେ ଭାରତୀୟ ମହିଳାମାନେ ଯେକୌଣସି କ୍ରୀଡ଼ାରେ ବିଶ୍ୱସ୍ତରରେ ନିଜର ପରିଚୟ ସୃଷ୍ଟି କରିପାରିବେ। ନେତ୍ରା କୁମାନନ୍‌ଙ୍କ ଏହି ଯାତ୍ରା ଆଗାମୀ ପିଢ଼ିର ଖେଳାଳିଙ୍କୁ ଗୋଟିଏ ବଡ଼ ବାର୍ତ୍ତା ଦେଉଛି— ସ୍ୱପ୍ନ ଯେତେ ବଡ଼ ହେଉନା କାହିଁକି, ନିଷ୍ଠା, ଶୃଙ୍ଖଳା ଓ ନିରନ୍ତର ପରିଶ୍ରମ ଥିଲେ ତାହାକୁ ସାକାର କରିବା ସମ୍ଭବ।

ବଲିଉଡର ଅନ୍ୟତମ ପ୍ରତିଭାଶାଳୀ ଓ ଲୋକପ୍ରିୟ ଅଭିନେତ୍ରୀ ଶ୍ରଦ୍ଧା କପୁର ନିଜର ଦମଦାର ଅଭିନୟ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାଆନ୍ତି । ନିଜର ସହଜ - ସରଳ ଶୈଳୀ ପାଇଁ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । ନିଜର ଚରିତ୍ର ଚୟନରେ ସଦାବେଳେ ଭିନ୍ନତା ଆଣୁଥିବା ଶ୍ରଦ୍ଧା କପୁର ଏବେ ପୁଣି ଥରେ ବଡ଼ ପରଦାରେ ଏକ ସ୍ୱତନ୍ତ୍ର ଚରିତ୍ରରେ ନଜର ଆସିବାକୁ ଯାଉଛନ୍ତି ।

ଶ୍ରଦ୍ଧାଙ୍କ କ୍ରେଜ୍



ଦିନେଶ ବିଜନଙ୍କ ଆଗାମୀ ସିନେମା 'ଇଥା' ର ଟ୍ରେଲର୍ ନିକଟରେ ମୁକ୍ତିଲାଭ କରିଛି, ଯାହା ଖୁବ ଚର୍ଚ୍ଚାରେ ରହିଛି । ମହାରାଷ୍ଟ୍ରର ପ୍ରସିଦ୍ଧ ତଥା କାଳଜୟୀ ଲୋକକଳାକାର ଭିଠାବାଇ ନାରାୟଣଗାଓଁକରଙ୍କ ଜୀବନୀ ଉପରେ ଆଧାରିତ ଏହି ବାୟୋପିକରେ ଶ୍ରଦ୍ଧା, ଭିଠାବାଇଙ୍କ ମୁଖ୍ୟ ଭୂମିକା ତୁଲାଉଛନ୍ତି । 'ଇଥା'ର ଟ୍ରେଲରରେ ମହାରାଷ୍ଟ୍ରର ପାରମ୍ପରିକ ଲୋକନୃତ୍ୟ 'ତମାଶା' ଓ 'ଲାବଣୀ'ର ମନୋରମ ପରିବେଶ ସହ ଭିଠାବାଇଙ୍କ ସଂଘର୍ଷମୟ ଓ ଗୌରବମୟ ଜୀବନର ଝଲକ୍ ଦେଖିବାକୁ ମିଳିଛି । ଶ୍ରଦ୍ଧାଙ୍କ ନୃତ୍ୟକୁ ନେଇ ଏଥିରେ ଖୁବ ଚର୍ଚ୍ଚା ହେଉଛି । ଶ୍ରଦ୍ଧାଙ୍କର ଏହି ନୂଆ ଅନ୍ଦାଜକୁ ସମସ୍ତେ ଖୁବ ଭଲପାଇବା ଦେଉଛନ୍ତି । ମୁମ୍ବାଇରେ ଜନ୍ମଗ୍ରହଣ କରିଥିବା ଶ୍ରଦ୍ଧାଙ୍କର ପିଲାଦିନ ବାପା ତଥା ଜଣାଶୁଣା ଅଭିନେତା ଶକ୍ତି କପୁର ଓ ମାଆ ଶିବାଙ୍ଗୀଙ୍କ ଅଭିନୟ ଦେଖି କଟିଥିଲା । ତେବେ ଷ୍ଟାର-କିଡ୍ ହୋଇଥିଲେ ବି ସିନେମା ଜଗତରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ତାଙ୍କୁ କଠିନ ସଂଘର୍ଷ କରିବାକୁ ପଡ଼ିଥିଲା । ୨୦୧୦ ମସିହାରେ 'ତିନ୍ ପତ୍ତୀ' ଏବଂ ୨୦୧୧ରେ 'ଲଭ୍ କା ଦି ଏଣ୍ଡ' ଚଳଚ୍ଚିତ୍ର ଜରିଆରେ ସେ ନିଜର ଅଭିନୟ ଯାତ୍ରା ଆରମ୍ଭ କରିଥିଲେ । କିନ୍ତୁ ବକ୍ସ ଅଫିସରେ ଏହି ଦୁଇଟିଯାକ ସିନେମା ଆଶାଜନକ ସଫଳତା ପାଇନଥିଲା । ଲଗାତାର ବିଫଳତା ପରେ ବି ସେ ଭାଙ୍ଗି ପଡ଼ିନଥିଲେ । ୨୦୧୩ ମସିହାରେ ମୁକ୍ତିଲାଭ କରିଥିବା 'ଆଶିକୀ ୨' ତାଙ୍କ କ୍ୟାରିୟରର ଟର୍ନିଂ ପଏଣ୍ଟ ସାଜିଥିଲା । ଏହି ରୋମାଣ୍ଟିକ ସିନେମାରେ 'ଆରୋହୀ' ଭୂମିକାରେ ତାଙ୍କର ମନଛୁଆଁ ଅଭିନୟ ଦର୍ଶକଙ୍କୁ ଖବ ପସନ୍ଦ ଆସିଥିଲା ଏବଂ ସେ ହିଟ ପାଲଟିଯାଇଥିଲେ । ଏହାପରେ 'ଏକ୍ ଭିଲେନ୍', 'ହାସିଦର', 'ଏବିସିଡି ୨', 'ବାଘି ୨' ଭଳି ଚଳଚ୍ଚିତ୍ରରେ ନିଜ ଅଭିନୟର ଯାଦୁ ଦେଖାଇସାରିଛନ୍ତି ।